ସକାଳ
THE SAKALA



www.sakalaepaper.com

# ନାଲ୍କୋରେ ଚାକିରି ନାଁ'ରେ ୫୮ ଲକ୍ଷ ଠକେଇ

ବ୍ରହ୍ମପୁର,୧୫।୧୨(ସମିସ)

ନାଲକୋରେ ମ୍ୟାନେଜର ଚାକିରି ଓ ଟେଣ୍ଡର ଦେବା ଆଳରେ ସହରର ଜଣେ ବ୍ୟକ୍ତିଙ୍କ ଠାରୁ ୫୮ ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱରର ସହିଦନଗରର ଏକ ଦମ୍ପତି ଏହି ଟଙ୍କା ଠକି ନେଇଥିବା ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା(ନଂ-୧୦୦/୨୫) ରେ ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ପ୍ରକାରେ, ସ୍ଥାନୀୟ ଗେଟବଜାର ନିକଟ ବର୍ମା କଲୋନୀ ନିବାସୀ ସନ୍ତୋଷ କୁମାର ପାଢୀଙ୍କ ପୁଅ ବୈଷୟିକ ଶିକ୍ଷା ଶେଷ କରିବା ପରେ ଚାକିରି ସନ୍ଧାନରେ ଥିଲେ। ଭୁବନେଶ୍ୱର ସହିଦନଗରର ସନ୍ତୋଷ ବରାଡ ଅରୋଶ୍ରୀ ସ୍କୁଲ ଡେଭଲପମେଣ୍ଟ ଟ୍ରେନିଂ କେନ୍ଦ୍ର ନାମକ ଏକ ତାଲିମ କେନ୍ଦ୍ର ଖୋଲି ଏମବିଏ ଓ ବି-ଟେକ ବେକାର ଯୁବକ ଯୁବତୀଙ୍କୁ ତାଲିମ ପରେ ଚାକିରି ଦେଉଥିବା ସନ୍ତୋଷଙ୍କ ପୁଅ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ। ସେହିକ୍ରମେ ସନ୍ତୋଷ ପାଢୀ ଭୁବନେଶ୍ୱରର ତାଲିମ କେନ୍ଦ୍ର ମାଲିକ ସନ୍ତୋଷ ବରାଡଙ୍କୁ ଯୋଗାଯୋଗ କରିଥିଲେ। ତାଲିମ ପରେ ସନ୍ତୋଷ ପାଢ଼ୀଙ୍କ ପୁଅକୁ ନାଲକୋରେ ମ୍ୟାନେଜର ପଦବୀରେ ଚାକିରି କରାଇଦେବେ ବୋଲି ସନ୍ତୋଷ ବରାଡ ଓ ତାଙ୍କ ପତ୍ନୀ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ୧୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିବ ବୋଲି ବରାଡ ଦମ୍ପତି କହିଥିଲେ। ତାଲିମ ପରେ ସନ୍ତୋଷଙ୍କ ପୁଅକୁ ସର୍ଟିଫିକେଟ ମଧ୍ୟ ପ୍ରଦାନ କରିଥିଲେ। ପରେ ସନ୍ତୋଷ ପାଢୀ ବରାଡ ଦମ୍ପତିଙ୍କୁ ୧୮ ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ନେବାପରେ ସନ୍ତୋଷ ପାଢୀଙ୍କ ପୁଅ ନାମରେ ବରାଡ ଦମ୍ପତି ଗେଟପାସ ଓ ପରିଚୟପତ୍ର ପ୍ରସ୍ତୁତ କରି ଦେଇଥିଲେ। ପରେ ପୁଣି ନାଲକୋ କମ୍ପାନୀରେ ସନ୍ତୋଷ ପାଢୀଙ୍କ ପରିବାର ନାମରେ ୧କୋଟି ଟଙ୍କାର ଟେଣ୍ଡର କରାଇଦେବେ ବୋଲି ବରାଡ ଦମ୍ପତି ପ୍ରତିଶ୍ରୁତି ଦେଇଥିଲେ। ଟେଣ୍ଡର ପାଇବାକୁ ହେଲେ ଇଏମଡି ବାବଦକୁ ୩ଲକ୍ଷ ଟଙ୍କା ଜମା କରବାକୁ କହିଥିଲେ। ଏହାପରେ ବିଭିନ୍ନ ଆଳରେ ଲକ୍ଷ ଲକ୍ଷ ଟଙ୍କା ଜମା କରିବାକୁ କହିଥିଲେ। ନାଲକୋରେ ମ୍ୟାନେଜର ଚାକିରି ଓ ଟେଣ୍ଡର କାମ ବାହାନାରେ ମୋଟ ୫୮ ଲକ୍ଷ ସନ୍ତୋଷ ପାଢୀଙ୍କ ଠାରୁ ଟଙ୍କା ନେଇଥିଲେ। ତେବେ ଟଙ୍କା ନେବାର ଦିର୍ଘମାସ ବିତି ଯାଇଥିଲେ ହେଁ ଚାକିରୀ କିମ୍ବା ଟେଣ୍ଡର ମିଳିନଥିଲା। ଫଳରେ ସମସ୍ତ ଟଙ୍କା ଫେରାଇବାକୁ ବରାଡ ଦମ୍ପତିଙ୍କୁ ସନ୍ତୋଷ ପାଢୀ କହିଥିଲେ। ଟଙ୍କା ଫେରସ୍ତ କରିବା ପରିବର୍ତ୍ତେ ଦିନ ଗଡାଇ ଚାଲିଥିଲେ। ନିକଟରେ ସନ୍ତୋଷ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ପୁଲିସ ଦ୍ୱାରା ଗିରଫ ହୋଇଥିବା ସନ୍ତୋଷ ପାଢୀ ଜାଣିବାକୁ ପାଇଥିଲେ। ଏବଂ ସେ ଅନ୍ୟ ଉପାୟ ନପାଇ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ। ତେବେ ନାଲକୋ ଚାକିରି ଓ ଟେଣ୍ଡର ଆଳରେ କେତେ ଟଙ୍କା ଠକେଇ ହୋଇଛି ଏବଂ କେଉଁ ମାଧ୍ୟମରେ ଟଙ୍କା ନେଣଦେଣ ହୋଇଛି ତାହାର ତଦନ୍ତ ଜାରି ରହିଥିବା ସାଇବର ଥାନା ଅଧିକାରୀ ଶଙ୍କର ପଣ୍ଡା ସୂଚନା ଦେଇଛନ୍ତି।

# ଭୂତକୋଠି ପାଲଟିଛି ଗ୍ରାମ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ



କୁକୁଡ଼ାଖଣ୍ଡି,୧୫।୧୨(ସମିସ): ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳରେ ହେଉଥିବା କାର୍ଯ୍ୟର ତଦାରଖ କରିବା ପାଇଁ କୁକୁଡ଼ାଖଣ୍ଡି ବ୍ଲକରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ କୋଠା ନିର୍ମାଣ ହୋଇଛି। ଏହି କୋଠାଗୁଡିକ ମଧ୍ୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଆବାସିକ ବାସଭବନ ଅନ୍ୟତମ। କାର୍ଯ୍ୟାଳୟରେ ପିଅନ କିମ୍ବା ଅନ୍ୟ କୌଣସି କର୍ମଚାରୀ ନଥିବା ବେଳେ ଉକ୍ତ କାର୍ଯ୍ୟାଳୟ କେତେବେଳେ ଖୋଲା ରହୁଛି ତାହା ଜାଣିବା ମଧ୍ୟ କଷ୍ଟ ହେଉଛି। ଯଦ୍ୱାରା କୌଣସି କାର୍ଯ୍ୟରେ ସାଧାରଣ ଲୋକଟିଏ ଏହି କାର୍ଯ୍ୟାଳୟକୁ ଯାଇ ନିରାଶ ହେବାକୁ ପଡୁଛି। କାର୍ଯ୍ୟାଳୟରେ ତାଲା ପଡୁଥିବା ପ୍ରସଙ୍ଗରେ ଏସଡିଓ ସନ୍ଦୀପ କୁମାର ଜେନାଙ୍କୁ ପଚାରିବାରେ କ୍ଷେତ୍ର ପରିଦର୍ଶନ କରିବା ଯନ୍ତ୍ରୀଙ୍କ କାମ, ଏଣୁ ସେ ସେ କାର୍ଯ୍ୟାଳୟରେ ରହିପାରୁନଥିବା କହିଛନ୍ତି। ସରକାରୀ କାର୍ଯ୍ୟାଳୟ ସମେତ ଅଧିକାରୀଙ୍କ ପାଇଁ ଥିବା ସରକାରୀ ବାସଭବନ ମଧ୍ୟ ବ୍ୟବହାର ନହୋଇ ଏକ ରକମର ଭୂତ କୋଠି ପାଲଟିଥିବା ଦେଖିବାକୁ ମିଳିଛି। ମୁଖ୍ୟ କାର୍ଯ୍ୟାଳୟରୁ ପିଅନ କିମ୍ବା ଅନ୍ୟ କର୍ମଚାରୀଙ୍କୁ ଏଠାରେ ନିୟୋଜିତ କରାଗଲେ କାର୍ଯ୍ୟାଳୟଟି ନିୟମିତ ଖୋଲାରହି କାର୍ଯ୍ୟକ୍ଷମ ହେବା ସହ ଲୋକଙ୍କ ସେବାରେ ଆସିପାରିବ ବୋଲି ମତ ପ୍ରକାଶ ପାଇଛି। ଅପରପକ୍ଷେ ବିଭାଗୀୟ ଯନ୍ତ୍ରୀ ଆଶୁତୋଷ ବେହେରାଙ୍କ ସହ ଯୋଗାଯୋଗ କରିବାରେ ସେ ମଧ୍ୟ ଏସଡିଓଙ୍କ ପ୍ରତିକ୍ରିୟାକୁ ଦୋହରାଇଛନ୍ତି। ତେବେ ପ୍ରଶାସନଙ୍କ ତଦାରଖରେ ଅବହେଳା ଯୋଗୁଁ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ କୋଠା ଏବେ ଅବ୍ୟବହୃତ ହୋଇ ପଡି ରହିଛି। ଯାହା ସରକାର କା ମାଲ ଦରିଆରେ ଡାଲ ଉକ୍ତିକୁ ସ୍ପଷ୍ଟ କରୁଛି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଖଲ୍ଲିକୋଟ,୧୫।୧୨(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ପାତ୍ରପୁର ଗ୍ରାମ ପୋଖରୀରୁ ସୋମବାର ଅପରାହ୍ନରେ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ବାଲିଆ ଖାଜିପଲ୍ଲୀ ଗ୍ରାମର ରଘୁନାଥ ବେହେରା (୭୩)। ସେ ପ୍ରତିଦିନ ସାଇକେଲରେ ଲେମ୍ବୁ, କଞ୍ଚା ଲଙ୍କା ବିକ୍ରି କରିବାକୁ କୋମଣ୍ଡ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଆସିଥାନ୍ତି। ସେହିପରି ଆଜି ମଧ୍ୟ ସେ ବିଭିନ୍ନ ଗ୍ରାମ ବୁଲି ଲେମ୍ବୁ, କଞ୍ଚା ଲଙ୍କା ବିକ୍ରି କରିବା ପରେ ପାତ୍ରପୁର ଗ୍ରାମ ପୋଖରୀ ହୁଡାରେ ସାଇକେଲ, ଚପଲ ରଖି ଧୂଆଧୁଇ ହେବାକୁ ପୋଖରୀକୁ ଯାଇଥିଲେ। ତେବେ ଅସାବଧାନତା ବଶତଃ ଗୋଡ଼ ଖସି ସେ ପାଣିରେ ବୁଡି ଯାଇଥିଲେ। ସେହି ଗ୍ରାମର କିଛି ବ୍ୟକ୍ତି ଗାଧୋଇବାକୁ ଯାଇଥିବା ବେଳେ ପୋଖରୀରେ ଜଣେ ବ୍ୟକ୍ତି ଭାସୁଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପୋଖରୀ ଭିତରୁ ରଘୁନାଥଙ୍କ ମୃତଦେହ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ନିଖୋଜ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ରମ୍ଭା/ହୁମ୍ମା,୧୫।୧୨(ସମିସ): ରମ୍ଭା ଥାନା ଅନ୍ତର୍ଗତ ସତ୍ରଶୋଲ ଗ୍ରାମ ନିକଟସ୍ତ ଏକ ପୋଖରୀରୁ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଖଣ୍ଡିଦେଉଳ ଗ୍ରାମ ନିକଟସ୍ତ ବଳରାମ ଗ୍ରାମର ସତ୍ୟବାଦୀ ଗୌଡ଼(୭୩)। ସେ କିଛି ଦିନ ପୂର୍ବରୁ ନିଖୋଜ ଥିଲେ। ପରିବାର ଲୋକ ଏନେଇ ଥାନାରେ ଅଭିଯୋଗ କରିଥିଲେ। ସୋମବାର ସକାଳୁ ସତ୍ରଶୋଲ ଗ୍ରାମ ନିକଟସ୍ଥ ଏକ ପୋଖରୀରୁ ଶବ ଉଦ୍ଧାର ହୋଇଥିଲା। ପୁଲିସ ଶବ ଜବତ କରି ଘଟଣାର ତଦନ୍ତ କରୁଛି।

## ଦୁର୍ଘଟଣାରେ ବୃଦ୍ଧାଙ୍କ ମୃତ୍ୟୁ

ଆସିକା,୧୫।୧୨(ସମିସ): ଆସିକା ବ୍ଲକ୍ ଅନ୍ତର୍ଗତ ଖଣ୍ଡରାବଳୀରେ ସୋମବାର ଏକ ପରିବା ବୋଝେଇ ଗାଡି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଣ୍ଡରାବଳୀ ଗ୍ରାମର ହେମ ବିଷୋୟୀ(୭୦)। ସେ ସୋମବାର ଭୋର ସମୟରେ ଶୌଚ ହେବାକୁ ଯାଉଥିବା ବେଳେ ଭଞ୍ଜନଗରରୁ ଆସିକା ଅଭିମୁଖେ ଏକ ପରିବା ବୋଝେଇ ଗାଡି ତାଙ୍କୁ ଧକ୍କା ଦେଇ ଚମ୍ପଟ ମାରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଟ୍ରେନ୍‌ରେ କଟି ଯୁବକ ମୃତ

ଖଲ୍ଲିକୋଟ,୧୫।୧୨(ସମିସ): କାଳିଯାଇ ଷ୍ଟେସନ ନିକଟସ୍ଥ ରେଳ ଲାଇନରୁ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର ହୋଇଛି। ଟ୍ରେନରେ କଟି ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ମୃତକ ଖଲ୍ଲିକୋଟ ଥାନା ଅନ୍ତର୍ଗତ ପଥରା ଗ୍ରାମର ସନ୍ତୋଷ ବେହେରା (୨୭) ବୋଲି ଜଣାପଡ଼ିଛି। ସୋମବାର ସକାଳୁ ଟ୍ରେନ ଲାଇନରେ ଶବ ପଡ଼ିଥିବା ଜଣାପଡିଥିଲା। ରେଳବାଇ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ନେଇଥିଲେ। ତେବେ ସନ୍ତୋଷ ଟ୍ରେନ ଲାଇନରେ ଆତ୍ମହତ୍ୟା କରିଛନ୍ତି ନା ସେ ରାତିରେ କୌଣସି ଟ୍ରେନରେ ଆସୁଥିବା ବେଳେ ଖସିପଡି ତାଙ୍କର ମୃତ୍ୟୁ ଘଟିଛି ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ।

## ଏନ୍‌ଏଚ୍‌ରେ ଦୁର୍ଘଟଣା; ଅଳ୍ପକେ ବର୍ତ୍ତିଲେ ୧୩ ଯାତ୍ରୀ

ଛତ୍ରପୁର,୧୫।୧୨(ସମିସ): କୋରାପୁଟରୁ ପିକ୍‌ନିକ୍ ସାରି ନିମାପଡ଼ା ଫେରୁଥିବା ବେଳେ ଏକ ଗାଡ଼ି ଛତ୍ରପୁର ନିକଟ ଜାତୀୟ ରାଜପଥ ଏକ୍ରାମ ନଗର ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିରେ ଥିବା ୧୩ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ନିମାପଡ଼ା ଅଞ୍ଚଳରୁ ଏକ ଗାଡ଼ିରେ ୧୩ ଜଣ ମିଶି କୋରାପୁଟ ପିକନିକ କରିବାକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ସୋମବାର ଭୋର ସମୟରେ ଗାଡ଼ି ଚାଳକର ଆଖି ପଡ଼ିଯିବାରୁ ଜାତୀୟ ରାଜପଥ ଡିଭାଇଡରକୁ ଧକ୍କା ଦେଇଥିଲା। ଗାଡ଼ିର ଆଗ ପାଖର୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ କେହି ବି ଆହତ ହୋଇନାହାନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ଡିଭାଇଡରରେ ପିଟି ହୋଇ ଜଣେ ମୃତ, ଜଣେ ଗୁରୁତର

ସାନଖେମୁଣ୍ଡି,୧୫।୧୨(ସମିସ): ଗଞ୍ଜାମ - ଗଜପତି ସୀମାନ୍ତ ପାଟପୁର ଥାନା ପାଲୁଖୋଳା ଗ୍ରାମ ନିକଟରେ ଡିଭାଇଡରକୁ ପିଟି ହୋଇ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଖଣ୍ଡଗିରି ଅଞ୍ଚଳର ରାଜ କିଶୋର ସ୍ୱାଇଁ(୨୭) ଓ ଆହତ ଜଣଙ୍କ ତପନ କୁମାର ମହାନ୍ତି(୨୭)। ଉଭୟେ ଗଜପତି ଜିଲ୍ଲା ମହେନ୍ଦ୍ରଗିରିରୁ ଓଡି ୩୩ଏୟୁ ୪୧୬୨ ନମ୍ବର ବିଶିଷ୍ଟ ଗାଡ଼ିରେ ଘରକୁ ଫେରୁଥିବା ବେଳେ ପାଟପୁର ଥାନା ପାଲୁଖୋଳା ନିକଟରେ ଡିଭାଇଡରକୁ ପିଟି ହୋଇଥିଲେ। ଫଳରେ ଉଭୟ ରାସ୍ତାରେ ଗୁରୁତର ହୋଇ ଛିଟିକି ହୋଇ ପଡ଼ିଯାଇଥିଲେ। ଉଭୟଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥି। ସେଠାରେ ଡାକ୍ତର ରାଜକିଶୋରଙ୍କୁ ମୃତ ଘୋଷଣା କରିଥିବା ବେଳେ ଆହତଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବ ତ କରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

# ପ୍ଲାଷ୍ଟିକ ମୁକ୍ତ ହେବ ମା' ରାମଚଣ୍ଡୀ ପୀଠ




ଗଞ୍ଜାମ,୧୫।୧୨(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ମା' ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ ଏବଂ ପରିଚାଳନା କମିଟି, ପୂଜା କମିଟି ପକ୍ଷରୁ ଏକ ଭବ୍ୟ-ସମାବେଶ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ କରପଡା ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଓ ମା' ରାମଚଣ୍ଡୀ ଟ୍ରଷ୍ଟ, ମନ୍ଦିର ପରିଚାଳନା ଓ ପୂଜା କମିଟି ନେତୃତ୍ୱରେ ମା' ରାମଚଣ୍ଡୀ ପୀଠକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ଓ କରପଡା ସରପଞ୍ଚ ଅଜୟ ନାୟକ, ପ୍ରଶାନ୍ତ କୁମାର, ସି.ଏଚ ଦୟାନନ୍ଦ ରେଡ୍ଡୀ(ପୂଜା କମିଟି ସଭାପତି), ପ୍ରସନ କୁମାର ଦାଶ(କାର୍ଯ୍ୟ ନିର୍ବାହୀ ଅଧିକାରୀ), କମଳକାନ୍ତ ପଣ୍ଡା, (ପି.ଇ.ଓ,କରପଡା ଜି.ପି) ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ମାନଙ୍କ ଉପସ୍ଥିତିରେ ମନ୍ଦିରକୁ ବିଭିନ୍ନ ସ୍ୱଚ୍ଛତା ସରଞ୍ଜାମ ହସ୍ତାନ୍ତର କରିବା ସହିତ ଆଗାମୀ ଦିନରେ ମନ୍ଦିରକୁ ପ୍ଲାଷ୍ଟିକ ମୁକ୍ତ ଓ ସ୍ୱଦେଶୀ ବସ୍ତୁ ବ୍ୟବହାର କରିବା ଦିଗରେ ଏକ ଶପଥପାଠ କରାଯାଇଥିଲା। ସଂଯୋଜକ କମଳ କୁମାର ପଣ୍ଡା ଓ ସହ ସଂଯୋଜକ ତୁଷାର ଶତପଥୀଙ୍କ ପରିଚାଳନା କରାଯାଇଥିଲା।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ଭଞ୍ଜନଗର,୧୫।୧୨(ସମିସ): ସ୍ଥାନୀୟ ଓଡ୍ର ଖଣ୍ଡାୟତ କାଳିଞ୍ଜି ସଭାଗୃହ ଠାରେ ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି ବିଭୂତି ଭୂଷଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ପର୍ଶୁରାମ ସ୍ୱାଇଁ, ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ, ଅମର ବିଳାସ ବେହେରା, ପଦ୍ମନାଭ ପ୍ରଧାନ, ଜଗବନ୍ଧୁ ଜେନା,



ସନ୍ତୋଷ ଜେନା, ଅନୁପମ ବାନାର୍ଜୀ ମଞ୍ଚାସୀନ ହୋଇ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ ବିଭିନ୍ନ ଅସୁବିଧା ଓ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅବସର ପରେ ପରିବାର ଉପରେ ଆର୍ଥିକ ବୋଝ ପଡୁଥିବା ଏବଂ ପରିଣତ ବୟସରେ ଔଷଧ ଖର୍ଚ୍ଚ, ମାନସିକ ଚାପ, ଆର୍ଥିକ ଅନାଟନ ଦେଇ ଚଳୁଥିବା ବେଳେ ସରକାରଙ୍କ ପାତର ଅନ୍ତର ନୀତି ବୋଝ ଉପରେ ନଳିତା ବିଡା ହୋଇଛି ବୋଲି ମତ ପ୍ରକାଶ ପାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଦେବରାଜ ଷଡ଼ଙ୍ଗୀ, ଉପେନ୍ଦ୍ରନାଥ ଦାସ, ପ୍ରଭାକର ସ୍ୱାଇଁ, ବସନ୍ତ କୁମାର ପାତ୍ର, ବିପ୍ର ଚରଣ ଗୌଡ଼, ରମେଶ ଚନ୍ଦ୍ର ଗୌଡ଼, ଜୟଦେବ ତାରିଣୀ, ଉମାଚରଣ ପଟ୍ଟନାୟକ, ଶେଷଦେବ ପଣ୍ଡା, ଶିଶିରକାନ୍ତ ମିଶ୍ର ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ ଧନ୍ୟବାଦ ପ୍ରଦାନ କରିଥିଲେ।

## ରଶି ଲଗାଇ ବୃଦ୍ଧାଙ୍କ ଆତ୍ମହତ୍ୟା

ଖଲ୍ଲିକୋଟ,୧୫।୧୨(ସମିସ): ଖଲ୍ଲିକୋଟ୍ ଗୁଣ୍ଡିଚା ମନ୍ଦିର ସାହିରେ ରବିବାର ବିଳମ୍ବିତ ରାତିରେ ଜଣେ ୭୦ ବର୍ଷୀୟ ବୃଦ୍ଧା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଗୁଣ୍ଡିଚା ମନ୍ଦିର ସାମ୍ନାରେ ଏହି ଘଟଣା ଘଟିଛି। ବୃଦ୍ଧାଙ୍କ ନାମ ବିନି ସାହୁ ବୋଲି ଜଣାପଡିଛି। ତେବେ କାହିଁକି ସେ ଆତ୍ମହତ୍ୟା କଲେ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳି ପାରିନାହିଁ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠେଇ ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବୁଗୁଡା,୧୫।୧୨(ସମିସ): ସ୍ଥାନୀୟ ଶିଶୁ ମନ୍ଦିର ପରିସରରେ ସ୍ୱର୍ଗତ ସମାଜସେବୀ ମନୋଜ କୁମାର ଚୌଧୁରୀଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୪୬ ଜଣ ରକ୍ତଦାନ କରିଥିଲେ। ସ୍ୱର୍ଗତ ମନୋଜଙ୍କ ପତ୍ନୀ ରିନା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବ୍ରହ୍ମପୁର ବ୍ଲଡ ବ୍ୟାଙ୍କର ଏକ ଟିମ୍ ପହଞ୍ଚି ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲା ବେଳେ ଡକ୍ଟର ଦେବରାଜ ରଥ ଓ ସୁଦର୍ଶନ ପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ମାଷ୍ଟର କଲୋନୀରୁ ରଣା ସାପ ଉଦ୍ଧାର

ପୋଲସରା,୧୫।୧୨(ସମିସ): ପୋଲସରା ସହର ମାଷ୍ଟର କଲୋନୀରୁ ଏକ ୫ଫୁଟିଆ ରଣାସାପକୁ ଉଦ୍ଧାର କରିଛି ବନବିଭାଗ। ରବିବାର ରାତିରେ ଜଣକ ଘର ନିକଟରେ ସାପକୁ ଦେଖି ଲୋକେ ଉୟଭୀତ ହୋଇଥିଲେ। ବନବିଭାଗ କର୍ମଚାରୀ ରବୀନ୍ଦ୍ର ପଟ୍ଟନାୟକ ଏବଂ ତାଙ୍କ ସହଯୋଗୀ ସାପକୁ କୌଶଳ କ୍ରମେ କାବୁ କରି ନିକଟରେ ଥିବା ଜଙ୍ଗଲରେ ଛାଡ଼ିଥିବା ସୂଚନା ମିଳିଛି। ମାଷ୍ଟର କଲୋନୀ ଦେଇ ଯାଇଥିବା ଜଳସେଚନ କେନାଲଟି ପରିତ୍ୟକ୍ତ ଅବସ୍ଥାରେ ଥିବା ଯୋଗୁଁ ବାରମ୍ବାର ଉକ୍ତ ଅଞ୍ଚଳରେ ବିଷାକ୍ତ ସରୀସୃପ ଘର ଭିତରେ ପଶୁଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ବର୍ଷା ଦିନରେ କେନାଲରେ ବିଷଧର ସରୀସୃପଙ୍କ ବହୁଳମାତ୍ରାରେ ଦେଖାଦେଉଥିବା ବେଳେ ତୁରନ୍ତ କେନାଲରୁ ଆବର୍ଜନା ହଟାଯାଇ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ ନେଇ ମାର୍ଗଦର୍ଶିକା

ବ୍ରହ୍ମପୁର,୧୫।୧୨(ସମିସ): ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବୁଧବାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଗସ୍ତକାଳରେ ଭିଡ଼କୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ମାର୍ଗଦର୍ଶିକା ଜାରି କରାଯାଇଛି। ହଳଦିଆପଦର ପଟୁ କୌଣସି ଭାରିଯାନ ଅନ୍ଧପସରା ଛକ ଅଭିମୁଖେ ଆସିପାରିବ ନାହିଁ। ସେହିପରି ସହରର ଗିରିଜା ଛକ ପଟୁ କୌଣସି ଯାନବାହାନ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ଆଡକୁ ନଯାଇ କର୍ପୋରେସନ ରୋଡ ପଟକୁ ଯିବା ନିମନ୍ତେ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଜ୍ୟୋତି ପେଟ୍ରୋଲ ପମ୍ପ ପଟୁ ଆସୁଥିବା କୌଣସି ଯାନବାହାନ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ଆଡକୁ ଯିବାରେ କଟକଣା ଜାରି କରାଯାଇଛି। ଗାନ୍ଧୀନଗର ପଟୁ ଆସୁଥିବା ଯେକୌଣସି ଯାନବାହାନ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ଆଡକୁ ଯାଇ ପାରିବେନାହିଁ। ସେମାନଙ୍କୁ ଜ୍ୟୋତି ପେଟ୍ରୋଲ ପମ୍ପ ନିକଟରୁ ମହାତ୍ମାଗାନ୍ଧୀ ଷ୍ଟାଡିୟମ ଅଭିମୁଖେ ଉପର ରାସ୍ତା ଦେଇ ଯିବାକୁ ହେବ। ସେହିପରି ଧର୍ମନଗର ପଟୁ ଆସୁଥିବା ଯାନବାହାନ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ଅଭିମୁଖେ ଯାଇପାରିବ ନାହିଁ। ବୁଢ଼ୀଠାକୁରାଣୀ ମନ୍ଦିର, ଡାଇମଣ୍ଡ ଟ୍ୟାଙ୍କ ରୋଡ୍, ଭେଙ୍କଟେଶ୍ୱର ମନ୍ଦିର ଏବଂ ପାକଲାବାରି ସାହି ପଟୁ କୌଣସି ଯାନବାହାନ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ଅଭିମୁଖେ ଯାଇପାରିବ ନାହିଁ। ବଡବଜାର ପଟୁ ବିଏମସି କାର୍ଯ୍ୟାଳୟ ପାଖଦେଇ କୌଣସି ଯାନବାହାନ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ଅଭିମୁଖେ ଯାତ୍ରାୟତ କରିବା ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ହନୁମାନ ବଜାର ପଟୁ କାମ୍ପ ସାହି ଓ ହନୁମାନ ମୂର୍ତ୍ତି ଦେଇ କୌଣସି ଯାନବାହାନ ରାମଲିଙ୍ଗେଶ୍ୱର ଟ୍ୟାଙ୍କ ଆଡକୁ ଆସିପାରିବେ ନାହିଁ। ହରିଡାଖଣ୍ଡି ପଟୁ ଆସୁଥିବା ଯାନବାହାନଗୁଡିକ ଆସ୍କାରୋଡ ଦେଇ ସହର ଭିତରକୁ ପ୍ରବେଶ କରିପାରିବେ କିମ୍ବା ମେଣ୍ଟୁ ଛକ ଠାରୁ ସହର ଭିତରକୁ ପ୍ରବେଶ କରିପାରିବେ। କିନ୍ତୁ ଆମ୍ବବଜାର ଅଭିମୁଖେ ଯାତାୟତ କରିପାରିବେ ନାହିଁ ବୋଲି ବ୍ରହ୍ମପୁର ପୁଲିସ ପକ୍ଷରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜାରି ଟ୍ରାଫିକ ମାର୍ଗଦର୍ଶିକାରେ ସ୍ପଷ୍ଟ କରାଯାଇଛି। ବୁଧବାର ପୂର୍ବାହ୍ନ ୧୦ଘଣ୍ଟା ଠାରୁ ଅପରାହ୍ନ ୨ଘଣ୍ଟା ପର୍ଯ୍ୟନ୍ତ ଏହି ଟ୍ରାଫିକ ନିର୍ଦ୍ଦେଶାବଳି ବଳବତ୍ତର ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ସିପିଆଇର ଶତବାର୍ଷିକୀ ପ୍ରସ୍ତୁତି ବୈଠକ



ରମ୍ଭା,୧୫।୧୨(ସମିସ): ସ୍ଥାନୀୟ ସିପିଆଇ ପକ୍ଷରୁ ଏକ ଜେନେରାଲ ବଡି ବୈଠକ ବରିଷ୍ଠ କୃଷକ ନେତା ଶରତ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜୋନର ବିଭିନ୍ନ ଅଞ୍ଚଳରୁ ୧୧୦ଜଣ ପ୍ରତିନିଧି ଯୋଗ ଦେଇଥିଲେ। ଚଳିତ ମାସ ୨୩ରିଖରେ ଛତ୍ରପୁର ରିଡିଙ୍ଗ ରୁମ ପରିସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶତ ବାର୍ଷିକୀ ଉପଲକ୍ଷେ ଉପରୋକ୍ତ ଜୋନରୁ ୩୦୦କର୍ମୀ ଯୋଗ ଦେବା ସହ ଡବଲ ଇଂଜିନ ସରକାରଙ୍କ ଦୋମୁହାଁ ନୀତି ଓ ବିଧାୟକ, ପୂର୍ବତନ ବିଧାୟକଙ୍କ ୩ଗୁଣା ଦରମା ବୃଦ୍ଧି ହେତୁ ପାର୍ଟି ପକ୍ଷରୁ ବିରୋଧ କରାଯିବ ବୋଲି ବୈଠକରେ ଗୃହୀତ ହୋଇଥିବା ଜଣାଯାଇଥିଲା। ତତ ସହିତ ଗଞ୍ଜାମ ଆଞ୍ଚଳିକ ପରିଷଦ ପକ୍ଷରୁ ଶତ ବାର୍ଷିକୀ ଉପଲକ୍ଷେ ଉପରୋକ୍ତ ରମ୍ଭା ଜୋନରୁ ୫,୪୮୦ ଟଙ୍କା ପାଣ୍ଠି ସଂଗ୍ରହ କରାଯାଇ ପଠାଯାଇଥିଲା। ବୈଠକରେ ପୂର୍ବତନ ବିଧାୟକ ଏନ ନାରାୟଣ ରେଡ୍ଡି, ଜିଲ୍ଲା ସହ ସମ୍ପାଦକ ନୀଳକଣ୍ଠ ଦାସ/ପ୍ରଦୀପ ସେଠୀ, ନାରୀ ନେତ୍ରୀ ଏନ ଭାନୁମତି ରେଡ୍ଡି, ନାରାୟଣ ନାୟକ, ଜୋନାଲ ସହ ସମ୍ପାଦକ ଜେ ଭାସ୍କର ପାତ୍ର, ୧୨ନଂ କାଉନସିଲର କ୍ଷେତ୍ର ମୋହନ ବେହେରା, ରଜନୀକାନ୍ତ ବେହେରା, ସଦାନନ୍ଦ ନାୟକ, ପୂର୍ଣ୍ଣଚନ୍ଦ୍ର ପଲେଇ, ତୋଫାନ ନାହାକ, ଏମ ରାମଚନ୍ଦ୍ର ପାତ୍ର, ଅରକ୍ଷିତ ନାୟକ, ସୀମାଞ୍ଚଳ ପଲେଇ, ପୃଥ୍ୱୀ ନାୟକ, ନନ୍ଦ କିଶୋର ବେହେରା, ରଘୁନାଥ ବେହେରା, ନିରାକାର ବେହେରା, ରାଜୀବ ବେହେରା, ବେନୁ ବେହେରା, ରାଧାମୋହନ ପ୍ରଧାନ, ଘନଶ୍ୟାମ ନାହାକ, ଦେବସ ନାହାକ, ଜେ ଲୋକନାଥ ପାତ୍ରଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ଅସହାୟଙ୍କୁ କମ୍ବଳ ବାଣ୍ଟିଲେ ସମାଜସେବୀ

ଛତ୍ରପୁର,୧୫।୧୨(ସମିସ): ସମାଜସେବୀ ତଥା ଓଡିଶା କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ଭାଗିରଥି ବେହେରା ଛତ୍ରପୁର ନିର୍ବାଚନ ମଣ୍ଡଳୀର ବହୁ ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଣ୍ଟନ କରିବା ସହ ବିଭିନ୍ନ ସହାୟତା ପ୍ରଦାନ କରିଛନ୍ତି। ବ୍ଲକ ଅନ୍ତର୍ଗତ ବିରିପୁର ଗ୍ରାମର ଶତାଧିକ ଅସହାୟ ମହିଳାଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ସମାଜସେବୀ ମିନି ମହାପାତ୍ର, ପୂର୍ବତନ ସରପଞ୍ଚ ଟି. କ୍ରିଷ୍ଣା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରନେତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ



କୁକୁଡ଼ାଖଣ୍ଡି,୧୫।୧୨(ସମିସ): ଗତମାସରେ ସାରା ରାଜ୍ୟର ଆୟୁର୍ବେଦ କଲେଜ ଛାତ୍ରଛାତ୍ରୀ ମାନେ ୮ ଦଫା ପୂରଣ ଦାବିରେ ଆନ୍ଦୋଳନ କରିଥିଲେ। ଏଥିରେ ଆଙ୍କୁଶପୁର ସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ କଲେଜ ଛାତ୍ରଛାତ୍ରୀ ମାନେ ସାମିଲ ହୋଇଥିଲେ। ଦୀର୍ଘ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ ଚାଲିଥିଲା। ଏହାପରେ ଚଳିତ ମାସ ୪ ତାରିଖରେ କେଏଟିଏସ୍ କଲେଜ କର୍ତ୍ତୃପକ୍ଷ ଛାତ୍ରନେତା ବିଶ୍ୱଜିତ ରଣାଙ୍କୁ ୩୦ ଦିନ ପାଇଁ ନିଲମ୍ବନ କରିଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ଛାତ୍ରଛାତ୍ରୀ ମାନେ ଆନ୍ଦୋଳନକୁ ତିବ୍ର କରିଥିଲେ। ସଂଘର ଆନ୍ଦୋଳନ ଆଗରେ ସରକାର ଶେଷରେ ମୁଣ୍ଡ ନୁଆଇଁଛନ୍ତି। ୮ ଦଫା ଦାବି ମଧ୍ୟରୁ ଗୋଟିଏ ପୂରଣ କରିବା ସହ ସରକାର ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରିଛନ୍ତି। ଏହା ସହ କଲେଜ ପକ୍ଷରୁ ସଂଘର ନିଷ୍ପତ୍ତି ପ୍ରକାରେ ଛାତ୍ରନେତାଙ୍କ ନିଲମ୍ବିତ ଆଦେଶକୁ ପ୍ରତ୍ୟାହୃତ କରିଛନ୍ତି।

# ଲୁଣିଲାଠି ଓ ଇନ୍ଦ୍ରାବାସରେ ହାତୀ ଉପଦ୍ରବ

ସାନଖେମୁଣ୍ଡି,୧୫।୧୨(ସମିସ)



ଦିଗପହଣ୍ଡି ବନାଞ୍ଚଳ ଅଧିନସ୍ତ ସାହସପୁର ବିଟ ନିକଟସ୍ଥ ପଳାସପୁର ଇନ୍ଦିରାବାସ ଓ ଲୁଣୀଲାଠିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ରତନେଇ ଜଙ୍ଗଲରେ ବହୁ ବର୍ଷ ଧରି ୫ ଟିକିଆ ହାତୀ ପଲ ରହି ଆସୁଛନ୍ତି। ବେଳେ ବେଳେ ହାତୀ ପଲ ଜନ ବସତି ମୁହାଁ ହୋଇ ଫସଲ ନଷ୍ଟ କରୁଥିବା ମଧ୍ୟ ଅଭିଯୋଗ ହେଉଛି।

ରବିବାର ରାତିରେ ଉକ୍ତ ହାତୀ ପଲ ଇନ୍ଦ୍ରାବାସ ଗ୍ରାମ ନିକଟରେ ଥିବା ଚାଷୀ ଆର.ଦିଲ୍ଲୀ ରେଡ୍ଡୀଙ୍କ ଚାଷ ଜମିରେ ପଶି ବହୁ କଦଳୀ ଗଛ, ଆମ୍ବ ଗଛ, ପଣସ ଗଛ ଓ ଧାନ ଗଦା ଖାଇ ନଷ୍ଟ କରିଥିବା ବେଳେ ପାୱାର ଟୀଲର, ପାଣି ପମ୍ପ ଓ ବିଛାଯାଇଥିବା ପାଇପକୁ କଚାଡ଼ି ନଷ୍ଟ କରିଛି ହାତୀ ପଲ। ସେହିଭଳି ଦଣ୍ଡପାଣି ନାୟକଙ୍କ ଧାନ ଗଦା ଖାଇ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ହାତୀ ଗୁଡିକ ପ୍ରତ୍ୟେକ ଦିନ ପାଖ ଜଙ୍ଗଲରେ ରହୁଥିବା ବେଳେ ସନ୍ଧ୍ୟା ହେଲେ ଆଖ ପାଖରେ ଥିବା ଧାନ ଗଦା ଓ ପରିବା ଚାଷ ଗୁଡିକ ନଷ୍ଟ କରୁଛନ୍ତି। ବର୍ତ୍ତମାନ ମଣ୍ଡି ଖୋଲିନଥିବା ହେତୁ ଚାଷୀ ଧାନ କାଟି ଅମଳ କରିବା ପାଇଁ ଧାନ ଗଦା କରି ରଖିଛି। ହେଲେ ହାତୀ ଭୟରେ ଚାଷୀ ଧାନ ଅମଳ କରି ଶାଗ ମାଛ ଦରରେ ଆନ୍ଧ୍ର ବେପାରୀକୁ ବିକ୍ରୀ କରୁଥିବା ଦେଖିବାକୁ ମିଳୁଛି। ତେଣୁ ବନ ବିଭାଗ କର୍ମଚାରୀ ମାନେ ହାତୀର ଗତି ବିଧି ଉପରେ ନଜର ରଖିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କେବେ ସୁଧୁରିବ ସହରାଞ୍ଚଳର ଦୁର୍ବଳ ଶିକ୍ଷା ବ୍ୟବସ୍ଥା?

# ଶିକ୍ଷକ ଅଭାବ ସାଙ୍ଗକୁ ବାରଣ୍ଡାରେ ପାଠପଢ଼ା








- ଗୋଟିଏ କ୍ୟାମ୍ପସରେ ଶିଶୁବାଟିକାରୁ ଦଶମ ଶ୍ରେଣୀ ପାଠପଢ଼ା
- ସ୍ଥାନାଭାବ ସତ୍ତ୍ୱେ କ୍ୟାମ୍ପସରେ ଚାଲିଛି ୪ ଅଙ୍ଗନବାଡ଼ି କେନ୍ଦ୍ର

ବ୍ରହ୍ମପୁର, ୧୫।୧୨ (ସମିସ): ରାଜ୍ୟରେ ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେବା ପରେ ଶିକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇ ବୈପ୍ଳବିକ ପରିବର୍ତ୍ତନ ଆସିବା କଥା। ତେବେ ପ୍ରକୃତରେ ସରକାରୀସ୍ତରରେ ପ୍ରାଥମିକ ଶିକ୍ଷା ସହିତ ସାମଗ୍ରିକ ଶିକ୍ଷାକୁ କେତେ ପ୍ରାଥମିକତା ଦିଆଯାଉଛି ତାହାର ନଗ୍ନ ଚିତ୍ର ଦେଖିବାକୁ ମିଳିଛି ଖୋଦ ବ୍ରହ୍ମପୁର ସହରରେ। ସହରାଞ୍ଚଳର ବିଦ୍ୟାଳୟରେ ପିଲାମାନେ ବାରଣ୍ଡାରେ ଏପରିକି ଚଟାଣରେ ବସି ପାଠ ପଢ଼ିବା ଭଳି ବିକଳ ଚିତ୍ର ନଜରକୁ ଆସିଛି। କେବଳ ଅଧ୍ୟୟନ ସମୟରେ ନୁହେଁ, ବରଂ ମଧ୍ୟାହ୍ନ ଭୋଜନ ସମୟରେ ମଧ ସ୍ଥାନାଭାବ ଯୋଗୁଁ ପିଲାମାନେ ବାରଣ୍ଡାରେ ଏପରିକି ଖୋଲା ଆକାଶ ତଳେ ବସି ଭୋଜନ କରୁଥିବା ଦେଖିବାକୁ ମିଳିଛି। ସବୁଠାରୁ ବଡ଼କଥା ହେଲା ବିଦ୍ୟାଳୟରେ ସ୍ଥାନାଭାବ ଥିବା ବେଳେ କ୍ୟାମ୍ପସରେ ଗୋଟିଏ କିମ୍ବା ଦୁଇଟି ନୁହେଁ ବରଂ ସେଠାରେ ରହିଛି ୪ଟି ଅଙ୍ଗନବାଡ଼ି କେନ୍ଦ୍ର। ଆଉ ବର୍ତ୍ତମାନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଚିନ୍ତା ହେଉଛି ସେଠାରେ ପୁଣି ଏକ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା କରିବା ନେଇ ଚାଲିଥିବା ଯୋଜନା। ପୂର୍ବରୁ ବିଦ୍ୟାଳୟ ଭିତରେ ମୋଚି ସାହି, ଖରୁଡ଼ାସାହି, ରଙ୍ଗୁଣିବନ୍ଧ ସାହି ଓ ପଞ୍ଚଦେଉଳ ସାହିର ଅଙ୍ଗନବାଡ଼ି କେନ୍ଦ୍ର ରହିଥିବାବେଳେ ବର୍ତ୍ତମାନ ଶଙ୍କରପୁର ସାହିର ଅଙ୍ଗନବାଡ଼ି କେନ୍ଦ୍ରକୁ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରିବାକୁ ଯୋଜନା କରାଯାଇଛି। ଏଥିପାଇଁ ବିଇଏମ୍‌ସି ପକ୍ଷରୁ କ୍ୟାମ୍ପସ୍‌ରେ ସ୍ଥାନ ଚିହ୍ନଟ କରାଯାଇଥିବା ଜଣାପଡ଼ିଛି। ଏଭଳି ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଛି ବ୍ରହ୍ମପୁର ମହାନଗର ନିଗମର ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ରଙ୍ଗୁଣିବନ୍ଧସାହି ସ୍ଥିତ ସୀମାଦ୍ରି ପଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ। ଗୋଟିଏ କ୍ୟାମ୍ପସରେ ଶିଶୁବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୮୬ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି।

ଶିଶୁବାଟିକା ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକସ୍ତରରେ ୬ଟି ଶ୍ରେଣୀରେ ୧୩୩ଜଣ ପିଲାଙ୍କ ପାଇଁ ରହିଛି ୩ଟି ଶ୍ରେଣୀଗୃହ ଏବଂ ୩ଜଣ ଶିକ୍ଷକ। ସେହିଭଳି ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୫୩ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୩ଟି ପ୍ରକୋଷ୍ଠ ସହିତ ୬ଜଣ ଶିକ୍ଷକ ଅଛନ୍ତି। ଏହିଭଳି ବିଦ୍ୟାଳୟରେ ମୋଟ ୧୧ଟି ଶ୍ରେଣୀ ପାଇଁ ରହିଛି ମାତ୍ର ୬ଟି ଶ୍ରେଣୀଗୃହ ଏବଂ ୬ଜଣ ଶିକ୍ଷକ ମାତ୍ର। ସେଥିମଧ୍ୟରୁ ଜଣେ ଶିକ୍ଷୟିତ୍ରୀ ଆସନ୍ତା ଫେବୃଆରୀରେ ଚାକିରିରୁ ଅବସର ଗ୍ରହଣ କରିବେ। ବିଦ୍ୟାଳୟର ଏଭଳି ସ୍ଥିତି ଯୋଗୁଁ ଗୋଟିଏ ଶ୍ରେଣୀରେ ଦୁଇଟି ଏବଂ ଜରୁରି ପରିସ୍ଥିତିରେ ୩ଟି ଶ୍ରେଣୀର ପିଲାଙ୍କୁ ଜଣେ ଶିକ୍ଷକ ଅଧ୍ୟାପନା ଦେଉଛନ୍ତି।

ବିଦ୍ୟାଳୟର କାର୍ଯ୍ୟାଳୟ ନଥିବାରୁ ଶ୍ରେଣୀ ଗୃହକୁ ଆଲମିରା ଜରିଆରେ ପୃଥକ୍ କରି କାମଚଳା କାର୍ଯ୍ୟାଳୟ କରାଯାଇଛି। ପୂର୍ବ ବିଜେଡି ସରକାର ଅମଳରେ ୧୯୭୨ମସିହାରେ ପ୍ରତିଷ୍ଠା ହୋଇଥିବା ସହରର ଏହି ପୁରାତନ ବିଦ୍ୟାଳୟକୁ ୫ଟି ଅଧୀନରେ ଭିତ୍ତିଭୂମିର ବିକାଶ କରାଯାଇ ପିଲାଙ୍କ ପାଇଁ ଚେୟାର, ଟେବୁଲ ସହିତ ଇ-ଲାଇବ୍ରେରୀ, ଇ-ଲାବୋଟାରୀ ସହିତ ସ୍ମାର୍ଟ କ୍ଲାସ ଆଦିର ବ୍ୟବସ୍ଥା କରାଯାଇଥିଲା। ତେବେ ସରକାର ବଦଳିବା ସହିତ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଥିଲେ ହେଁ କୌଣସି ସମସ୍ୟାର ସମାଧାନ ହୋଇପାରିନାହିଁ। ଯାହାକୁ ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ସହରର ଏଭଳି ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଯେ ଶିକ୍ଷାବିଭାଗ ଓ ଜିଲ୍ଲା ପ୍ରଶାସନ ଅବଗତ ନୁହନ୍ତି ଏହା କହିବା ମଧ ଭୁଲ ହେବ। ଏଣୁ ବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ କରିବା ସହିତ ସ୍ଥାନାଭାବକୁ ଦୂର କରିବା ପାଇଁ କ୍ୟାମ୍ପସ୍‌ରେ ନୂତନ ଭାବେ ପ୍ରତିଷ୍ଠା ହେବାକୁ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

- ପୁଲିସକୁ ଖୋଲା ଚାଲେଞ୍ଜ

## ରାସ୍ତାରେ ଟଙ୍କା ପକାଇ ଲୁଟିନେଲେ ୫ଲକ୍ଷ

ବ୍ରହ୍ମପୁର,୧୫।୧୨(ସମିସ): ସହରରେ ପୁଣିଥରେ ଆତଙ୍କ ଖେଳାଇଛନ୍ତି ପଲସର ବାଇକ ଚାଳକ। ସୋମବାର ମଧ୍ୟାହ୍ନରେ ରାସ୍ତା ଉପରେ ଟଙ୍କା ପକାଇ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ଗାଡିରେ ଲାଗିଥିବା ଟଙ୍କା ଭର୍ତ୍ତି ବ୍ୟାଗକୁ ଲୁଟି ନେଇଛନ୍ତି ଲୁଟେରା। ଲୁଟର ଶିକାର ହୋଇଥିବା ବରିଷ୍ଠ ନାଗରିକ ସୂର୍ଯ୍ୟ ନାରାୟଣ ସାହୁ ଘଟଣା ସମ୍ପର୍କରେ ଗୋଷାଣିନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣା ସ୍ଥଳରେ ଛାନବିନ ଚଳାଇଛି। ସମ୍ପୃକ୍ତ ଅଞ୍ଚଳ ସମେତ ବ୍ୟାଙ୍କରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। ପ୍ରାଥମିକ ତଦନ୍ତରୁ ଦୁଇଜଣ ଯୁବକ ପଲସର ବାଇକରେ ଆସି ଏହି କାଣ୍ଡ ଘଟାଇଥିବା ପୋଲିସ ଅନୁମାନ କରୁଛି। ଖୁବଶୀଘ୍ର ଅପରାଧୀଙ୍କୁ କାବୁ କରାଯିବ ବୋଲି ଦୃଢୋକ୍ତି ବାଢିଛି ପୋଲିସ। ଘଟଣାରୁ ପ୍ରକାଶ ଯେ, ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ବଦ୍ରିରାଜନଗର ନିବାସୀ ତଥା ଭାରତୀୟ ବିରଳ ମୃତ୍ତିକାର ଅବସରପ୍ରାପ୍ତ କର୍ମଚାରୀ ହେଉଛନ୍ତି ସୂର୍ଯ୍ୟନାରାୟଣ ସାହୁ। ସୋମବାର କୌଣସି ବ୍ୟକ୍ତିଗତ କାମ ପାଇଁ ସେ ଗୋଷାଣିନୂଆଗାଁ ଏସବିଆଇ ବ୍ୟାଙ୍କକୁ ଯାଇ ୫ଲକ୍ଷ ଟଙ୍କା ଉଠାଇଥିଲେ। ଉକ୍ତ ଟଙ୍କାକୁ ଏକ ବ୍ୟାଗରେ ଭର୍ତ୍ତି କରି ବାଇକର ଦର୍ପଣ ପାଖରେ ଝୁଲାଇ ଘରକୁ ଫେରୁଥିଲେ। ରାସ୍ତାରେ ହରିହରନଗର ଛକରେ ୨ଜଣ ଯୁବକ ତାଙ୍କ ନିକଟକୁ ଆସି 'ମଉସା ତୁମ ଟଙ୍କା ପଡିଗଲା' ବୋଲି କହିଥିଲେ। ସୂର୍ଯ୍ୟନାରାୟଣ ଗାଡିକୁ ରାସ୍ତା କଡରେ ପାର୍କ କରି ପଡିଥିବା ଟଙ୍କା ସଂଗ୍ରହ କରିଥିଲେ। ତେବେ ଉକ୍ତ ଟଙ୍କା ତାଙ୍କର ନଥିଲା। ଟଙ୍କା ଧରି ଗାଡ଼ି ନିକଟକୁ ଆସି ଦେଖିବା ବେଳେ ଟଙ୍କା ଭର୍ତ୍ତି ବ୍ୟାଗଟି ଗାଡିରୁ ଉଭାନ ହୋଇଯାଇଥିଲା। ସେ ଉକ୍ତ ଦୁଇ ଯୁବକଙ୍କୁ କାବୁ କରିବା ପାଇଁ ସେମାନଙ୍କର ପିଛା କରିଥିଲେ ହେଁ ବିଫଳ ହୋଇଥିଲେ।

## ବ୍ୟବସାୟୀଙ୍କ କବ୍‌ଜାରେ ପାଦଚଲା ରାସ୍ତା

- ବିଇଏମ୍‌ସିର କାର୍ଯ୍ୟାନୁଷ୍ଠାନ ଆରମ୍ଭ



ବ୍ରହ୍ମପୁର,୧୫।୧୨(ସମିସ): ବ୍ରହ୍ମପୁର ସହରର ଅନ୍ୟତମ ପ୍ରମୁଖ ସମସ୍ୟା ହେଉଛି ଟ୍ରାଫିକ ନିୟନ୍ତ୍ରଣ। ଦିନକୁ ଦିନ ସହରର ଜନସଂଖ୍ୟା ସହିତ ଯାନବାହାନ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ତେବେ ସହରର ଅଣଓସାରିଆ ରାସ୍ତାଘାଟ ସାଙ୍ଗକୁ ଜବରଦଖଲ ଏହି ସମସ୍ୟାକୁ ଜଟିଳ କରିଦେଉଛି। ରାସ୍ତାର ଉଭୟ ପାର୍ଶ୍ୱରେ ବିଇଏମ୍‌ସି ପକ୍ଷରୁ ପଥଚାରୀଙ୍କ ସୁବିଧା ପାଇଁ ପାଦଚଲା ରାସ୍ତାର ବ୍ୟବସ୍ଥା କରାଯାଇଥିବା ବେଳେ ତାହାକୁ ନିଜ ଅକ୍ତିଆରରେ ରଖିଛନ୍ତି ଉଭୟ ସ୍ଥାୟୀ ଓ ଠେଲା ଦୋକାନୀ। ଫଳରେ ଯାନବାହାନ ପାର୍କିଂ କରିବା ଏବଂ ଯାତାୟତ କରିବା ଅସମ୍ଭବ ହୋଇପଡୁଛି। ଯଦ୍ୱାରା ସଡ଼କ ଦୁର୍ଘଟଣା ମଧ ବଢିବାରେ ଲାଗିଛି। ଏଭଳି ବାରମ୍ବାର ଅଭିଯୋଗ ପରେ ବିଇଏମସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପୁଲିସ ସହାୟତାରେ ଏନଫୋର୍ସମେଣ୍ଟ ଟିମ ଜରିଆରେ ରାସ୍ତାପାର୍ଶ୍ୱର ପାଦଚଲଣ ରାସ୍ତାକୁ ଜବରଦଖଲ ମୁକ୍ତ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ଜନଗହଳିପୂର୍ଣ୍ଣ ତଥା ବ୍ୟସ୍ତବହୁଳ ଅନ୍ନପୂର୍ଣ୍ଣା ବଜାରରୁ ଏହି ଅଭିଯାନ ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି। ଏନ୍‌ଫୋର୍ସମେଣ୍ଟ ଟିମ୍ ଜରିଆରେ ବ୍ୟବସାୟୀଙ୍କୁ ତାଗିଦ କରାଯିବା ସହିତ ଆଗାମୀ ଦିନରେ ଖିଲାପ କଲେ ଆର୍ଥିକ ଜରିମାନା ସହିତ ରାସ୍ତାଉପରେ ପ୍ରଦର୍ଶିତ ହେଉଥିବା ସାମଗ୍ରୀକୁ ଜବତ କରାଯିବାକୁ ଚେତାବନୀ ଦିଆଯାଇଛି। ବିଇଏମସିର ଏଭଳି ପଦକ୍ଷେପକୁ ସହରବାସୀ ସ୍ୱାଗତ କରିଛନ୍ତି।

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପୁଣ୍ୟତିଥି



ବ୍ରହ୍ମପୁର,୧୫।୧୨(ସମିସ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଂଘ ପକ୍ଷରୁ ସୋମବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୭୬ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ସ୍ଥାନୀୟ କୋର୍ଟପେଟା ଛକ ସ୍ଥିତ ଶିଶୁ ଉଦ୍ୟାନ ପରିସରରେ ଥିବା ପୋଖରୀରେ ତିଳତର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ସଭାପତି ରାମ କୁମାର ପାତ୍ର, ପ୍ରଭାତ କିରଣ ଷଡଙ୍ଗୀ, ସିମାଞ୍ଚଳ ପଣ୍ଡା, ଡ଼ି. ଡମ୍ବୁରୁ, ବିଷ୍ଣୁ ପଣ୍ଡା, ଉମାକାନ୍ତ ପାଣିଗ୍ରାହୀ, ଜି. ଗୌରୀ ମହାନ୍ତି, ଗଣେଶ ପାଣିଗ୍ରାହୀ, ଟୁନା ପାତ୍ର, ପ୍ରଦୀପ ପ୍ରଧାନ, ଅନିଲ ରଥ, ହିମାଂଶୁ ପାଢ଼ୀ, ଜଗମୋହନ ଆଚାରୀ ଓ ପୂଜାରୀ ସନ୍ତୋଷ ଆଚାର୍ଯ୍ୟଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବ୍ରହ୍ମପୁର ସାହିତ୍ୟ ପରିଷଦର ଶୀତକାଳୀନ ସାହିତ୍ୟ ଆସର




ବ୍ରହ୍ମପୁର,୧୫।୧୨(ସମିସ): ସ୍ଥାନୀୟ ଗୋଇଲୁଣ୍ଡି ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ବ୍ରହ୍ମପୁର ସାହିତ୍ୟ ପରିଷଦର ଶୀତ କାଳିନ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। କବି ସୁଶାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରରେ ମୁଖ୍ୟଅତିଥି ଭାବେ ସାରସ୍ୱତ ସାଧକ ଡ. ସନ୍ତୋଷ କୁମାର ଦାଶ ଯୋଗଦେଇ ଶୀତ ଋତୁ ସାହିତ୍ୟ ସୃଜନ ନିମନ୍ତେ ଏକ ମାଧ୍ୟମ ହୋଇଥାଏ ବୋଲି ମତ ରଖିଥଲେ। ମୁଖ୍ୟବକ୍ତା ଭାବେ ସୁଲେଖକ ମନମୋହନ ରଥ ଯୋଗଦେଇ କବିତା ଓ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କବି କେ. ସୀତାରାମ ପାତ୍ର ମଞ୍ଚାସିନ ଥିଲେ। ଆସରରେ ସମ୍ପାଦକ ବି. ସତ୍ୟମ ଅଚାରୀ ସମ୍ପାଦକୀୟ ପାଠ କରିଥିଲେ। କବି ନୀହାରିକା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ସୁଲେଖିକା ଅଞ୍ଜଳି ଦାଶ ଶୀତକୁ ନେଇ ଏକ ଅଣୁଗଳ୍ପ ପାଠ କରିଥିବା ବେଳେ କବି ଧ୍ରୁବ ବେହେରା, କ୍ଷଣପ୍ରଭା ଶତପଥୀ, ଜ୍ୟୋସ୍ନା ପାଣି, ମଧୁସ୍ମିତା ସାହୁ, ବିଦ୍ୟୁତପ୍ରଭା ଶତପଥୀ, ଶଙ୍କର୍ଷଣ ତ୍ରିପାଠୀ, ଗଙ୍ଗାଧର ମହାକୁଡ଼, ପ୍ରମୋଦ ପଣ୍ଡା, ତପନ ପଟ୍ଟନାୟକ, ପ୍ରଦୀପ କୁମାର ଷଡ଼ଙ୍ଗୀ, ଅମିତା ମିଶ୍ର, ଲିପ୍ସା ମହାରଣା, କିଶୋରୀ ମହାରଣା, ପ୍ରଶାନ୍ତ କୁମାର ଅଚାରୀ, ପଦ୍ମିନୀ ମିଶ୍ର, ଶରତ କୁମାର ଦାଶ, ବିଷ୍ଣୁପ୍ରିୟା ମିଶ୍ର, ସ୍ୱର୍ଣ୍ଣମୟୀ ପାଢ଼ୀ, ସୁଦ୍ଧାଞ୍ଜଳି ମିଶ୍ର ଓ କାଳୀ ପ୍ରସାଦ ରାଓ ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବି ପ୍ରଫୁଲ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲ୍ଲାପାଳ, ବିଇଏମ୍‌ସି କମିଶନର ଓ ବ୍ରହ୍ମପୁର ଏସ୍‌ପିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମୀକ୍ଷା

## ଜୁନିଅର ନ୍ୟାସ୍‌ନାଲ୍ ଟେନିସ୍ ବଲ୍ ଚାମ୍ପିଅନସିପ୍‌ରେ ଗଞ୍ଜାମର ୬ ଖେଳାଳି



ବ୍ରହ୍ମପୁର,୧୫।୧୨(ସମିସ): ଉତ୍ତରପ୍ରଦେଶର ଆଗ୍ରା ଠାରେ ଚଳିତ ମାସ ୧୮ ରୁ ୨୧ତାରିଖ ପର୍ଯ୍ୟନ୍ତ ୩୩ତମ ଜୁନିଅର ନ୍ୟାସନାଲ ଟେନିସ ବଲ କ୍ରିକେଟ୍ ଚାମ୍ପିଆନସିପ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ୧୪ଜଣିଆ ଦଳ ଅଂଶଗ୍ରହଣ କରିବ। ଘୋଷିତ ରାଜ୍ୟ ଦଳରେ ଗଞ୍ଜାମ ଜିଲ୍ଲାର ଉଭୟ ବାଳକ ଓ ବାଳିକା ବର୍ଗରେ ୬ଜଣ ଖେଳାଳି ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ବାଳିକା ଦଳରେ ଅର୍ପିତା ବେହେରା, ସୁଦିପା ଷଡଙ୍ଗୀ, ଶୀବାନି ପ୍ରଧାନ ଓ ଶ୍ୟାମପ୍ରିୟା ସ୍ୱାଇଁ ସ୍ଥାନ ପାଇଥିବା ବେଳେ ବାଳକ ଦଳରେ ପି. ଦିବାକର ପାତ୍ର ଓ ଟି. ଅମନ କୁମାର ସ୍ଥାନ ପାଇଛନ୍ତି। ସମସ୍ତ ଖେଳାଳି ଆଗ୍ରା ଅଭିମୁଖେ ସୋମବାର ଯାତ୍ରା ଆରମ୍ଭ କରିଥିବା ବେଳେ ଗଞ୍ଜାମ ଜିଲ୍ଲା ଟେନିସ ବଲ କ୍ରିକେଟ୍ ଆସୋସିଏସନର ସଭାପତି ଦୁଷ୍ମନ୍ତ ପାଢୀ ଓ ସମ୍ପାଦକ ସଞ୍ଜୟ ବିଷୋୟୀ ସେମାନଙ୍କୁ ଭଲ ପ୍ରଦର୍ଶନ ଲାଗି ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାର ସମସ୍ତ ଖେଳାଳୀ ଉତ୍ତମ ପ୍ରସ୍ତୁତି କରିଥିବାରୁ ଓଡ଼ିଶା ଟିମରେ ଭଲ ପ୍ରଦର୍ଶନ କରିବେ ବୋଲି କୋଚ୍ ପ୍ରୀତିରଞ୍ଜନ ଓ ମ୍ୟାନେଜର ପି.ନନ୍ଦିନୀ ଆଶା ରଖିଛନ୍ତି।

## ରାଜୀବ ଆବାସ କଲୋନୀ ପମ୍ପହାଉସ୍

# ବକେୟା ବିଦ୍ୟୁତ୍ ବିଲ୍ ୪ଲକ୍ଷ ୯୭ହଜାର

ବ୍ରହ୍ମପୁର,୧୫।୧୨(ସମିସ): ବ୍ରହ୍ମପୁର ମହାନଗର ନିଗମର ୨୮ନମ୍ବର ୱାର୍ଡ ନେହେରୁନଗର ଆଗୁଳାବନ୍ଧ ନିକଟସ୍ଥ ରାଜୀବ ଆବାସ କଲୋନୀରେ ଦେଖିବାକୁ ମିଳିଛି ଅଭାବନୀୟ ପରିସ୍ଥିତି। ୫ରୁ ରହିଛି। ବକେୟା ବିଲ ବାବଦରେ ଅର୍ଥ ପୈଠ ନହେବାରୁ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ଏହି ମାମଲାକୁ ଜାତୀୟ ଲୋକ ଅଦାଲତକୁ ନେଇ ସ୍ଥାନୀୟ କର୍ପୋରେଟର ଓ ସମ୍ପୃକ୍ତ ପମ୍ପ ହାଉସର ଡ୍ରାଇଭରଙ୍କ ନାମରେ ନୋଟିସ ସଂଘମିତ୍ରା ଦଳେଇ, କମିସନର ପ୍ରଥମେଷ ଅରବିନ୍ଦ ରାଜେସିର୍କେ ଓ ବିଧାୟକ କେ. ଅନୀଲ କୁମାରଙ୍କ ଦ୍ୱାରସ୍ଥ ହୋଇଥିଲେ। ସମସ୍ୟା ସମ୍ପର୍କରେ ଅବଗତ ହେବାପରେ ଟାଟାପାୱାର ବା ଟିପିଏସଓଡିଏଲ





୬ବର୍ଷ ପୂର୍ବ ବସ୍ତିବାସିନ୍ଦାଙ୍କୁ ବିଇଏମ୍‌ସି ପକ୍ଷରୁ ଗୃହନିର୍ମାଣ କରାଯାଇ ଥଇଥାନ କରାଯାଇଥିଲା। ପ୍ରାୟ ୧୧ଟି ବହୁତଳ ବିଶିଷ୍ଟ କୋଠାରେ ୩୩୨ଟି ଘର ନିର୍ମାଣ କରାଯାଇଥିଲା। ସମସ୍ତ ଘର ଆବଣ୍ଟନ ହୋଇନଥିଲେ ହେଁ ଅଧିକାଂଶ ଘରେ ଲୋକେ ବସବାସ କରୁଥିବା ଜଣାପଡ଼ିଛି। ନିୟମ ପ୍ରକାରେ ହିତାଧିକାରୀଙ୍କ ମଧ୍ୟରେ ଏକ ସୋସାଇଟି ଗଠନ କରି କଲୋନୀର ରକ୍ଷଣାବେକ୍ଷଣ ଦାୟିତ୍ୱ ନିଆଯିବା କଥା। ତେବେ ଦୀର୍ଘ ବର୍ଷ ପରେ ମଧ କଲୋନୀ ବାସିନ୍ଦାଙ୍କ ପକ୍ଷରୁ ସେଠାରେ କୌଣସି ସୋସାଇଟି ଗଠନ କରାଯାଇନାହିଁ। ଏଭଳି ପରିସ୍ଥିତିରେ କଲୋନୀର ସମସ୍ତ ଘରକୁ ମୋଟର ଯୋଗେ ପାଣି ଉଠାଇବା ଓ ଯୋଗାଣ ନିମନ୍ତେ ଥିବା ପମ୍ପ ହାଉସର ବିଦ୍ୟୁତ୍ ବକେୟା ବିଲ ଏରିଅର ସହିତ ମୋଟ ୪ଲକ୍ଷ ୯୭ହଜାର ୪୩୮ଟଙ୍କା ଜାରି କରିଥିବା ଜଣାପଡ଼ିଛି। ଏକକାଳୀନ ଏତେ ପରିମାଣର ବିଦ୍ୟୁତ୍ ବିଲ ଦେଖି କଲୋନୀ ବାସିନ୍ଦା ତାଜୁବ ହୋଇଯାଇଛନ୍ତି। କୌଣସି ପରିସ୍ଥିତିରେ ସେମାନେ ଏତେ ପରିମାଣର ବକେୟା ବିଦ୍ୟୁତ ବିଲ ପୈଠ କରିବା ସମ୍ଭବପର ନଥିବା ବେଳେ ସମସ୍ତେ ସମସ୍ୟାର ସମାଧାନ ପାଇଁ ଏକତ୍ରିତ ହୋଇଛନ୍ତି। କଲୋନୀ ବାସିନ୍ଦା ସ୍ଥାନୀୟ କର୍ପୋରେଟର ପାର୍ବତୀ ପ୍ରଧାନଙ୍କ ନେତୃତ୍ୱରେ ବ୍ରହ୍ମପୁର ମେୟର ଶ୍ରୀମତୀ

- ପମ୍ପ୍ ଡ୍ରାଇଭର୍‌ଙ୍କ ନାମରେ ବାରମ୍ବାର ନୋଟିସ୍
- ଏକାଠି ହେଲେ କଲୋନୀବାସୀ, ସ୍ଥାୟୀ ସମାଧାନ ଦାବି

କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି କିସ୍ତି ମାଧ୍ୟମରେ ବକେୟା ବିଦ୍ୟୁତ୍ ବିଲ ପୈଠ କରି ଏହାର ସ୍ଥାୟୀ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ତେବେ ହିତାଧିକାରୀମାନେ ସରକାରୀ ନିୟମ ପ୍ରକାରେ କଲୋନୀରେ ସୋସାଇଟି ଗଠନ ନକରି ଏଭଳି ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଟାଟାପାୱାର ମଧ ପମ୍ପହାଉସ ବାବଦ ବିଦ୍ୟୁତ୍ ବିଲ ମାସିକ ନଦେଇ ଏକକାଳୀନ ଦୁଇ ୩ବର୍ଷର ଦେବା ଉଚିତ ନୁହେଁ ବୋଲି ସମସ୍ତେ ମତ ଦେଇଛନ୍ତି। ସବୁଠାରୁ ବଡକଥା ହେଲା ଉକ୍ତ କଲୋନୀରେ ବହୁ ଘର ଆବଣ୍ଟନ ହୋଇନଥିବା ବେଳେ ଅନେକଙ୍କ ଅନୁପ୍ରବେଶ ରହିଥିବା ଜଣାପଡିଛି। ଅନୁପ୍ରବେଶକାରୀଙ୍କୁ ତୁରନ୍ତ ସେଠାରୁ ଖାଲି କରିବା ଦିଗରେ ମଧ ବିଇଏମସି କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ବ୍ରହ୍ମପୁର କୋର୍ଟ ସମ୍ମୁଖର ହୃଦୟ ବିଦାରକ ଦୃଶ୍ୟ

# କୁନି ଝିଅର ଗୋଡ଼ ବାନ୍ଧି କର୍ମସଂସ୍ଥାନରେ ମା'

- ବୁଲିବୁଲି ଚା' ବିକୁଛନ୍ତି ବିଧବା ସନ୍ତୋଷିନୀ
- 'ଜୀବିକା ପାଇଁ କଠୋର ହେବାକୁ ପଡୁଛି'

ବ୍ରହ୍ମପୁର, ୧୫।୧୨ (ସମିସ): ବ୍ରହ୍ମପୁର କୋର୍ଟ ସମ୍ମୁଖରେ ଦେଖିବାକୁ ମିଳିଛି ଏକ ହୃଦୟବିଦାରକ ଦୃଶ୍ୟ। ଜଣେ ମା' ନିଜର ଛୋଟ ଝିଅର ଗୋଡ଼କୁ ବାନ୍ଧି ନିଜ କର୍ମସଂସ୍ଥାନରେ ସମୟ ଦେଉଛନ୍ତି। ବୁଲି ବୁଲି ଚା' ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି ମହିଳା ଜଣଙ୍କ। ୪ମାସ ପୂର୍ବେ ସ୍ୱାମୀଙ୍କ ମୃତ୍ୟୁ ପରେ ଜୀବିକା ନିର୍ବାହର କୌଣସି ରାସ୍ତା ନପାଇ ସ୍ୱାମୀ ପୂର୍ବରୁ କରିଥିବା ଚା' ଦୋକାନର ଦାୟିତ୍ୱ ନିଜେ ସମ୍ଭାଳୁଛନ୍ତି। ହେଲେ ପାଖରେ ଥିବା ଛୋଟ ଝିଅର ଦାୟିତ୍ୱ ସହ ଦୋକାନର ଦାୟିତ୍ୱ ଏକାସଙ୍ଗେ ସମ୍ଭାଳିବା କାଠିକର ପାଠ। ତେଣୁ ଜୀବିକା ପାଇଁ ନିଜକୁ କଠୋର କରିବାକୁ ପଡୁଛି। ନିଜ ୭/୮ବର୍ଷ ବୟସର ମାନସିକ ଅନଗ୍ରସର ଝିଅର ଗୋଡ଼ ବାନ୍ଧି କର୍ମସଂସ୍ଥାନରେ ନିୟୋଜିତ ହେବାକୁ ପଡୁଛି। ଝିଅଟି ଜନ୍ମରୁ ମାନସିକ ଅନଗ୍ରସର ସହ ମୂକ। ବଡ଼ ଝିଅ କଙ୍କୋରଡ଼ାସ୍ଥିତ ଅଜା ଘରେ ରହି ମାଟ୍ରିକରେ ପାଠ ପଢୁଛି। ସ୍ୱାମୀ ପ୍ରଦୀପ କୁମାର ଷଡ଼ଙ୍ଗୀ ବ୍ରହ୍ମପୁର କୋର୍ଟ ସମ୍ମୁଖରେ ଏହି ଚା' ଦୋକାନ କରିଥିଲେ। ଗତ ଅଗଷ୍ଟ ମାସରେ ହୃଦ୍‌ଘାତରେ ପ୍ରଦୀପଙ୍କର ଅକାଳ ବିୟୋଗ ଘଟିଥିଲା। ଏଭଳି ସ୍ଥିତିରେ କିଛି ଉପାୟ ନପାଇ କୋର୍ଟ ସମ୍ମୁଖରେ ଥିବା ସ୍ୱାମୀଙ୍କ ଚା' ଦୋକାନକୁ ଚଳାଇବାକୁ ସ୍ଥିର କରିଥିଲେ ସନ୍ତୋଷିନୀ। ପ୍ରତ୍ୟହ କୋର୍ଟ ସମୟରେ ସାନ ଝିଅକୁ ସାଙ୍ଗରେ ନେଇ ଦୋକାନକୁ ଆସନ୍ତି। ପ୍ରଥମେ ଝିଅର ଗୋଡ଼କୁ ଦୋକାନ ସମ୍ମୁଖ ଏକ ଚୌକି ସହିତ ବାନ୍ଧିବା ପରେ



ନିଜର ବ୍ୟବସାୟ ଚଲାଇଥାନ୍ତି। ମାନସିକ ଅନଗ୍ରସର ଝିଅଟି କଥା କହିବାରେ ଅକ୍ଷମ ଥିବାବେଳେ ଏଣେତେଣେ ଚାଲିଯାଉଥିବାରୁ ତା'ର ଗୋଡ଼କୁ ବାନ୍ଧିବାକୁ ବାଧ ହେଉଛନ୍ତି ସନ୍ତୋଷିନୀ। ରାମନଗର ଅଞ୍ଚଳରେ ଭଡ଼ାଘର ସାଙ୍ଗକୁ ଠେଲା ଦୋକାନଟି ମଧ ଭଡ଼ା ସୂତ୍ରରେ ରହିଛି। ସେପଟେ ଦୁଇ ଝିଅଙ୍କ ସହିତ ନିଜର ଗୁଜୁରାଣ ମେଣ୍ଟାଇବା କଷ୍ଟକର। ପରିବାରର ମାସିକ ଖର୍ଚ୍ଚ ୧୨ରୁ୧୫ହଜାର ଯୋଗାଡ଼ କରିବା ତାଙ୍କ ପକ୍ଷେ ସମ୍ଭବପର ହେଉନଥିବା କହିଛନ୍ତି ସନ୍ତୋଷିନୀ। ହେଲେ ଜୀବନ ସଂଘର୍ଷରେ ହାର ମାନିନାହାନ୍ତି ସେ। କାହା ଆଗରେ ହାତ ପାତିବା ଅପେକ୍ଷା କଷ୍ଟକରି ଦୁଇ ପଇସା ରୋଜଗାର କରି ସବୁକିଛି ଭଗବାନଙ୍କ ଇଚ୍ଛାରେ ଛାଡ଼ି ଦେଇଥିବା କୁହନ୍ତି ସନ୍ତୋଷିନୀ।

# ବିଳମ୍ବରେ ଖୋଲିଲା ଭତ୍ତା କେନ୍ଦ୍ର; ହିତାଧିକାରୀ ଅସନ୍ତୁଷ୍ଟ



ପାରଳାଖେମୁଣ୍ଡି,୧୫ ।୧୨(ସମିସ): ସରକାରଙ୍କ ବିଭିନ୍ନ ଯୋଜନାରେ ଭତ୍ତା ପ୍ରଦାନ କରାଯାଉଛି। ଆଉ ଏହି ଭତ୍ତା ଗୁଡିକ ସଠିକ୍ ସମୟରେ ହିତାଧିକାରୀଙ୍କୁ ପ୍ରଦାନ ପାଇଁ ନିର୍ଦ୍ଦେଶନାମା ରହିଛି । ତେବେ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ପୌରପରିଷଦର ଟାଉନହଲ୍ ଠାରେ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ଭତ୍ତାକାରୀଙ୍କୁ ସମୟାନୁବର୍ତ୍ତୀ କ୍ରମେ ଭତ୍ତା ପ୍ରଦାନ କରାଯାଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଟାଉନହଲ୍ ପରିସରରେ ଥିବା ଭତ୍ତା ବିତରଣ କକ୍ଷକୁ ଦାୟିତ୍ୱରେ ଥିବା କର୍ମଚାରୀ ଜଣକ ସକାଳ ୧୦ ଘଣ୍ଟା ପରିବର୍ତ୍ତେ ମଧ୍ୟାହ୍ନ ୧୨ ଘଣ୍ଟା ସମୟରେ ଖୋଲିଥିଲେ। ଏଥିରେ ଦୁରଦୂରାନ୍ତ ସାହିରୁ ଆସିଥିବା ଭତ୍ତାକାରୀ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ନିରାଶ ହୋଇଥିଲେ । କାର୍ଯ୍ୟାଳୟ ପକ୍ଷରୁ ଏହି ଭତ୍ତା ବିତରଣ କେନ୍ଦ୍ର ବିଳମ୍ବରେ ଖୋଲାଯିବ ବୋଲି ପୂର୍ବରୁ ସୂଚନା ଦିଆଯାଇନିକି କାହାକୁ କୁହାଯାଇନି । ଭତ୍ତା ନେବାକୁ ଆସିଥିବା ବୃଦ୍ଧ ବୃଦ୍ଧାମାନେ ଅପେକ୍ଷା କରିଥିଲେ । ଏନେଇ ଭତ୍ତାକାରୀମାନେ କହିଛନ୍ତି ଯେ ପୂର୍ବରୁ ମଧ ଏପରି ହୋଇଥିବାର ଦୃଷ୍ଟାନ୍ତ ରହିଛି । ବହୁ କଷ୍ଟ କରି ଏଠାକୁ ଭତ୍ତା ନେବାକୁ ଆସୁଛୁ। କିଏ ଶାରରୀକ ପୀଡା ତ କିଏ ବାର୍ଦ୍ଧକ୍ୟଜନିତ ପୀଡାରେ ଅକ୍ରାନ୍ତ। ଭତ୍ତା କିପରି ସଠିକ୍ ସମୟରେ ମିଳିଲେ ଆମ୍ଭେ ଆମ ନିଜ ନିଜ ଘରକୁ ଯିବୁ । ଏପରି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ଦ୍ୱାରା ଉଭୟ ମାନସିକ ଓ ଶାରିରୀକ ପୀଡା ଭୋଗୁଥିବା ଜଣାଇଛନ୍ତି ।

## ପେନସନ ଟଙ୍କା ହଡ଼ପ ମାମଲାରେ ଅଭିଯୁକ୍ତର ଜାମିନ ନାମଞ୍ଜୁର

ପାରଳାଖେମୁଣ୍ଡି/ରାୟଗଡ଼,୧୫ ।୧୨(ସମିସ): ବହୁ ଚର୍ଚ୍ଚିତ ଗଜପତି ଜିଲ୍ଲା ରାୟଗଡ ଥାନା ଅନ୍ତର୍ଗତ ଖ୍ରୀଷ୍ଟିଆନ ସାହିର ବୃଦ୍ଧା ସୁଭଗମନା ସ୍ୱାଲସିଂଙ୍କ ପେନସନ ତଥା ଏରିୟର ଟଙ୍କା ହଡ଼ପ ମାମଲାରେ ଅଭିଯୁକ୍ତ ନିରୋଜ କୁମାର ବର୍ଦ୍ଧନ ଓ ଉଜ୍ୱଳ ବର୍ଦ୍ଧନ ଓରଫ ସୌମ୍ୟ ରଞ୍ଜନ ବର୍ଦ୍ଧନଙ୍କ ଜାମିନ ଆବେଦନ ଗଜପତି ଜିଲ୍ଲା ଓ ଦୌରା ଜଜ୍ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ଦ୍ୱାରା ଖାରଜ ହୋଇଯାଇଛି । ଏହି ମାମଲାରେ ସରକାରଙ୍କ ପକ୍ଷରୁ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ପକ୍ଷ ରଖି ନିଜର ଯୁକ୍ତି ବାଢିଥିଲେ ଓ ଏହି ଗମ୍ଭୀର ମାମଲାରେ ଓକିଲ ଏମ୍. ପୃଥ୍ୱୀରାଜ ତାଙ୍କୁ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ନଭେମ୍ବର ୧୧ ତାରିଖରେ ଯେତେବେଳେ ଉପରୋକ୍ତ ଅଭିଯୁକ୍ତ ଦ୍ୱୟ ବୃଦ୍ଧା ସୁଭଗମନା ସ୍ୱାଲସିଂଙ୍କ ନିକଟକୁ ଆସି ଜୀବନ ପ୍ରମାଣ ପତ୍ର ମାଗୁଥିଲେ, ସେହି ସମୟରେ ଏତଲାକାରି ସୁକାନ୍ତ ସ୍ୱାଲ ସିଂ ଯିଏ ସୁଭଗମନା ସ୍ୱାଲସିଂଙ୍କ ପୁତୁରା ସେ ସନ୍ଦେହରେ ଆସି ସେମାନଙ୍କୁ ପଚାରିଥିଲେ ଯେ, ଏହା କାହିଁକି ଦରକାର? ପ୍ରତ୍ୟୁତ୍ତରରେ ସେମାନେ କହିଥିଲେ ପେନସନକୁ ଚାଲୁ ରଖିବା ପାଇଁ ଏହା ଜରୁରୀ । କିନ୍ତୁ ଏତଲାକାରି କହିଥିଲେ ଯେ, ତାଙ୍କ ପିଇସୀ କିଛି ବି ପେନସନ ପାଉନାହାନ୍ତି, ତେବେ କାହିଁକି ଏହାର ଆବଶ୍ୟକତା ରହିଛି। ପରେ ସେମାନେ କିଛି ଉତ୍ତର ନ ଦେଇ ସେଠାରୁ ଦୌଡ଼ି ପଳାଇଯାଇଥିଲେ। ସନ୍ଦେହ ଘନୀଭୂତ ହେବାରୁ ଏତଲାକାରି ଜାଣିବାକୁ ପାଇଲେ ଯେ, ତାଙ୍କର ପିଉସା ଯିଏ କି ଜଣେ ଶିକ୍ଷକ ଥିଲେ ଏବଂ ତାଙ୍କ ଦେହାନ୍ତ ପରେ ପିଉସୀଙ୍କର ପେନସନ ବ୍ୟବସ୍ଥା ହୋଇଥିଲା। କିନ୍ତୁ ଚଞ୍ଚକତା କରି ସୁଭଗମନଙ୍କ ଜୀବନ ପ୍ରମାଣପତ୍ରରେ ଜଣେ ମୁଦଲା ନିରୋଜ କୁମାର ବର୍ଦ୍ଧନ ନିଜର ମୋବାଇଲ ନମ୍ବର ଓ ଆଧାର କାର୍ଡରେ ଅନ୍ୟ ଅଭିଯୁକ୍ତ ନିଜ ମୋବାଇଲ ନମ୍ବର ସଂଯୋଗ କରି ବର୍ଷ ବର୍ଷ ଧରି ପଇସା ଚଳୁ କରିଆସୁଥିଲେ। କିନ୍ତୁ ସେପଟେ ସୁଭଗମନା ଭିକାରୁଣୀ ପରି ଦାଣ୍ଡରେ ଅସହାୟ ଅବସ୍ଥାରେ ପଡିରହିଥିଲେ। ଏହି ସବୁ ବିଷୟ ଜାଣିବା ପରେ ସୁକାନ୍ତ ସ୍ୱାଲ ସିଂ ରାୟଗଡ ଥାନାରେ ମାମଲା ନମ୍ବର ୧୦୭ ରେ ଏକ ମାମଲା ରୁଜୁ କରିଥିଲେ ଓ ମାମଲାର ଗମ୍ଭୀରତାକୁ ନଜରରେ ରଖି ରାୟଗଡ ଥାନାଧିକାରୀ ଏହି ମାମଲାର ଖୋଦ୍ ତଦନ୍ତକାରୀ ଅଧିକାରୀ ଭାବେ ଦାୟିତ୍ୱ ନେଇ ତଦନ୍ତ କରିଥିଲେ।

## ବାଇକ୍ ଚୋରି ଘଟଣା: ଦେଢ଼ବର୍ଷ ପରେ ଅଭିଯୁକ୍ତ କୋର୍ଟ ଚାଲାଣ



ଦିଗପହଣ୍ଡି,୧୫।୧୨(ସମିସ): ଗଞ୍ଜାମ ଜିଲ୍ଲା କେ.ନୂଆଗାଁ ଥାନା ଏଏସଆଇ ସି. ତାରକେଶ୍ୱର ରାଓ ଲାଲମେଣ୍ଟା ଲକ୍ଷ୍ମୀ ନାରାୟଣପୁର ଗ୍ରାମର ଭଗବାନ ପ୍ରଧାନ ଙ୍କୁ ବାଇକ ଚୋରି ମାମଲା ରେ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।ଥାନା କେସ ନଂ.୧୨୯/୨୪ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ୨୦୨୪ ମାର୍ଚ୍ଚ ୩୦ ତାରିଖ ରାତିରେ ଦିଗପହଣ୍ଡି ବ୍ଲକ୍ କରପଡ଼ା ପଞ୍ଚାୟତ ଦେଓଖାଳି ଗ୍ରାମର ବିଶ୍ୱକେଶନ ବେହେରାଙ୍କ ଦୋକାନ ସମ୍ମୁଖରେ ଥିବା ଟିଭିଏସ ବାଇକ (ନଂ. ଓଡ଼ି୦୭ ଏଇ -୮୬୬୩)କୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିଲେ। ବିଶ୍ୱକେଶନ ଏ ନେଇ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି କିଶୋର କୁମାର ସାମଲ ମକଦ୍ଦମା ରୁଜୁ କରିଥିଲେ। ଚୋରି ବାଇକକୁ ପୁଲିସ ଉଦ୍ଧାର କରିଥିବା ବେଳେ ଅଭିଯୁକ୍ତ ଗିରଫ ଭୟରେ ଗାଁ ରୁ ଫେରାର ଥିଲେ। ସେ ଗାଁ କୁ ଫେରିଥିବା ଖବର ପାଇ ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣକ ନାଁ ରେ କେ.ନୂଆଗାଁ ଥାନା ଏବଂ ଜରଡ଼ା ଥାନାରେ ଏକାଧିକ ଚୋରି ମାମଲା ରହିଥିବା ପୁଲିସ କହିଛି।

## ମହେନ୍ଦ୍ରଗିରିରେ ୨ ମନ୍ତ୍ରୀ, ୧୦ ବିଧାୟକଙ୍କ ଅବସର ବିନୋଦନ



ରାୟଗଡ,୧୫।୧୨(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକରେ ଥିବା ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ଦୁଇ ଦିନିଆ ଗସ୍ତରେ ଦୁଇ ମନ୍ତ୍ରୀଙ୍କ ସମେତ ୧୦ ଜଣ ବିଧାୟକ ଆସିଥିଲେ। ରବିବାର ରାତ୍ର ପ୍ରାୟ ୧୧ ବେଳେ ମହେନ୍ଦ୍ରଗିରିରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ମହାକାଳପଡା ବିଧାୟକ ଦୁର୍ଗା ପ୍ରସାଦ ନାୟକ, ବଡମ୍ବା ବିଧାୟକ ବିଜୟ ଦଳବେହେରା, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ନାୟକ, ନିଆଳି ବିଧାୟକ ଛବି ମଲ୍ଲିକ, ଫୁଲବାଣୀ ବିଧାୟକ ଉମା ମଲ୍ଲିକ, ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ବୌଦ ବିଧାୟକ ସରୋଜ ପ୍ରଧାନ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ପହଞ୍ଚି ରାତ୍ରିକାଳୀନ ସୌନ୍ଦର୍ଯ୍ୟ ଦେଖିବା ସହ କ୍ୟାମ୍ପ ଫାୟାର କରି ଇକୋ ରିସୋର୍ଟରେ ରାତ୍ରି ଯାପନ କରିଥିଲେ। ଏହା ସହ ସୋମବାର ସକାଳେ ସୂର୍ଯ୍ୟୋଦୟ ସର୍ବଦା ଅଦ୍ଭୁତ ଓ ଆଲୌକିକ ଦୃଶ୍ୟକୁ ଭରପୁର ଉପଭୋଗ କରି ଦିବ୍ୟ ଭୂମି ଦର୍ଶନ, ପର୍ଶୁରାମ ଓ ଯୁଧିଷ୍ଠିରଙ୍କ ଦର୍ଶନ କରି ଭୀମ ମନ୍ଦିର ଦର୍ଶନ କରିବା ପାଇଁ ପାହାଡ଼ ଚଢ଼ି ସେଠାରେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଭରପୁର ଉପଭୋଗ କରିବା ସହ ସେଲ୍ଫି ନେଇଥିଲେ। ଏହାସହ ମହେନ୍ଦ୍ରଆଶ୍ରମ ପରିଦର୍ଶନ କରି କୁନ୍ତୀ ମନ୍ଦିରରେ ମନ୍ତ୍ରୀଙ୍କ ସମେତ ସମସ୍ତ ବିଧାୟକ ରୁଦ୍ରାଭିଷେକ କରି ସମସ୍ତ ଓଡ଼ିଶାବାସୀଙ୍କ ଜୀବନ ସୁଖ, ସମୃଦ୍ଧିରେ ଭରିଯାଉ ବୋଲି କାମନା କରିଥିଲେ । ବିଧାୟକଙ୍କ ବର୍ଦ୍ଧିତ ଦରମାକୁ ନେଇ ସେମାନେ ଖୁସିରେ ମହେନ୍ଦ୍ରଗିରି ପରିଦର୍ଶନରେ ଆସି ବୁଲାବୁଲି କରୁଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥିରେ ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା, ରାୟଗଡ଼ ବିଡିଓ ସନ୍ତୋଷ କୁମାର ବାରିକ, ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ, କାମଦେବ ବଡ଼ନାୟକ, ମାନସ ପଟ୍ଟନାୟକ ଓ ଆର. ଶ୍ରୀନିବାସ ରାଓ ଉପସ୍ଥିତ ଥିଲେ।

## ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ



ଜି.ଉଦୟଗିରି,୧୫।୧୨(ସମିସ): ଶୀତ ପ୍ରକୋପ ବଢ଼ିବା ସହ ଅସହାୟ ଗରିବ ବୃଦ୍ଧ ବୃଦ୍ଧାମାନଙ୍କୁ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ସ୍ୱାକ୍ ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ୯ ପଞ୍ଚାୟତର ଶତାଧିକ ଗରିବ ବ୍ୟକ୍ତିଙ୍କୁ କମ୍ବଳ ପ୍ରଦାନ କରାଯାଇଛି । ଗରିବ ଲୋକେ ଏଥିରେ ଉପକୃତ ହୋଇପାରି ବେ ବୋଲି ସଂଗଠନର ସଭାପତି ଆମନ ଚନ୍ଦ୍ର ନାୟକ ମତ ପ୍ରକାଶ କରିଛନ୍ତି । କନ୍ଧମାଳ ଜିଲ୍ଲାର ୯ ପଞ୍ଚାୟତ କଥା ଗ୍ରେସିଙ୍ଗିଆ, ରଟିଙ୍ଗିଆ,ରାଇକାଲା, ଲିଙ୍ଗାଗଡ, କତିଙ୍ଗିଆ, ଗଦଗୁଡ଼ା,ତଲାରିମାହା, କଳିଙ୍ଗା, ମାଲିକାପଡି ଆଦି ପଞ୍ଚାୟତରୁ ଶତାଧିକ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ପରାମର୍ଶଦାତା ତଥା ବରିଷ୍ଠ ସାମ୍ବାଦିକ ସମୀର କୁମାର୍ ପାଢ଼ୀ, ଜି .ଉଦୟଗିରି ଆଦର୍ଶ ଥାନା ଏସ୍ଆଇ ରଞ୍ଜିତା ବେହେରା, ସମାଜସେବୀ ଅନିଲ ପଟ୍ଟନାୟକ ସହିତ ଅନେକ ସ୍ୱେଚ୍ଛାସେବୀ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ରହି କମ୍ବଳ ବିତରଣ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ହୃଷୀକେଶ ପ୍ରଧାନ ପରିଚାଳନା କରିଥିଲେ।

## ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଖୋଜ୍‌ରେ ରାକେଶଙ୍କ ସଫଳତା



ରାଇକିଆ,୧୫।୧୨(ସମିସ): ଭୁବନେଶ୍ୱର ପଠାଣୀ ସାମନ୍ତ ପ୍ଲାନେଟାରିୟମରେ ରେ ଆୟୋଜିତ ଯୁବ ଜ୍ୟୋତର୍ବିଜ୍ଞାନୀ ପ୍ରତିଭା ଖୋଜ କାର୍ଯ୍ୟକ୍ରମରେ ନିଜର ପ୍ରତିଭା ଦେଖାଇଛନ୍ତି କନ୍ଧମାଳ ଜିଲ୍ଲା ରାଇକିଆ ବିଜୟ ହାଇସ୍କୁଲର ରାକେଶ ନାୟକ। ଟାଟା ଷ୍ଟିଲ ତରଫରୁ ଭୁବନେଶ୍ୱର ଆୟୋଜିତ ଯୁବ ଜ୍ୟୋତର୍ବିଜ୍ଞାନୀ ପ୍ରତିଭା ଖୋଜ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲ୍‌ରେ ୩୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ରାକେଶ ଏହି ପ୍ରତିଯୋଗୀତାରେ 'ମହାକାଶ କୁ ଭାରତର ମାନବ ମିଶନ' ପ୍ରକଳ୍ପ ଉପସ୍ଥାପନ କରିବା ସହ ଏ ସଂପର୍କିତ କୁଇଜ୍‌ରେ ମଧ ଭାଗ ନେଇଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶ୍ରେଷ୍ଠ ଛାତ୍ରଛାତ୍ରୀ ଏହି ଗ୍ରାଣ୍ଡ ଫାଇନାଲ୍‌ରେ ଅଂଶଗ୍ରହଣ କରିଥିଲେ। ମାଷ୍ଟର ରାକେଶଙ୍କୁ ପ୍ରଧାନଶିକ୍ଷକ ଯୋଗେନ୍ଦ୍ର ନୀଳମଣି ମଣ୍ଡଳ ଏବଂ ବିଜ୍ଞାନ ଶିକ୍ଷକ ମୋଜେସ୍ ନାୟକ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇ ସେ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ।

## ଦମ୍ପତିଙ୍କୁ ଆକ୍ରମଣ ମାମଲା: ମାଆ-ପୁଅ ଗିରଫ

ଦିଗପହଣ୍ଡି,୧୫।୧୨(ସମିସ): ଦିଗପହଣ୍ଡି ଥାନା ଏସ୍. ଚାଞ୍ଚଡ଼ାପଲ୍ଲୀ ଗ୍ରାମରେ ଦମ୍ପତିଙ୍କୁ ଆକ୍ରମଣ ମାମଲାରେ ପୁଲିସ ଗ୍ରାମର ଅଭିଯୁକ୍ତ ମାଆ ଓ ପୁଅକୁ ସୋମବାର ଗିରଫ କରିଥିବା ଜଣାପଡିଛି। ସେମାନେ ହେଲେ ଜାଇଲ ମଣ୍ଡଳ ଏବଂ ତାଙ୍କ ପୁଅ ଚେରୁ ମଣ୍ଡଳ। ଅଭିଯୁକ୍ତ ଚେରୁ ପୂର୍ବରୁ ଗ୍ରାମର ଗଗନ ପାତ୍ରଙ୍କ ନିକଟରେ କାମ କରୁଥିଲା। ଗତ କିଛିଦିନ ଧରି ଚେରୁ କାମକୁ ଆସୁନଥିଲେ। ଗତ ଶନିବାର ସନ୍ଧ୍ୟାରେ ଗଗନ ଅଭିଯୁକ୍ତ ଚେରୁ ଙ୍କ ଘରକୁ ଯାଇ କାମକୁ ନ ଆସିବାର କାରଣ ପଚାରିଥିଲେ। ଏଥିରେ ଚେରୁଆ ଉତ୍ତେଜିତ ଗଗନଙ୍କୁ ଗାଳିଗୁଲଜ କରିବା ସମୟରେ ସାହି ପଡୋଶୀଙ୍କ ହସ୍ତକ୍ଷେପ ପରେ ସମାଧାନ ହୋଇ ଗଗନ ଘରକୁ ଫେରିଥିଲେ। ତେବେ ରାତି ପ୍ରାୟ ସାଢ଼େ ୧୦ଟାରେ ଚେରୁ ଓ ତାଙ୍କ ମାଆ ଜାଇଲ ପୁଣିଥରେ ଗଗନଙ୍କ ଘରକୁ ଯାଇ କବାଟ ବାଡେଇଥିଲେ। ଏହାପରେ ଗଗନ କବାଟ ଖୋଲି କାହିଁକି ଆସିଛ ବୋଲି ପଚାରିବାରୁ ଉଭୟ ମାଆ ଓ ପୁଅ ଗଗନଙ୍କୁ ଆକ୍ରମଣ କରିବା ସହ ଶରୀରର ବିଭିନ୍ନ ସ୍ଥାନକୁ ଚୋବାଇ ରକ୍ତାକ୍ତ କରି ଦେଇଥିଲେ। ଏହାଦେଖି ଗଗନଙ୍କ ଗର୍ଭବତୀ ସ୍ତ୍ରୀ ରାଜେଶ୍ୱରୀ ପାତ୍ର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଗୋଇଠା ମାରିଥିବା ନେଇ ରବିବାର ସକାଳେ ଗଗନ ଥାନାରେ ଏତଲା ଦେଇଥିଲେ। ଏ ନେଇ ଥାନା କେସ୍ ନଂ. ୪୫୪/୨୫ ପ୍ରକାରେ ମାମଲା ରୁଜୁ ହେବାପରେ ସୋମବାର ତଦନ୍ତକାରୀ ଅଧିକାରୀ ଏସ୍ଆଇ ରାଜ କିଶୋର ପାତ୍ର ଅଭିଯୁକ୍ତ ଉଭୟ ମାଆ ଓ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

## ଟିକାବାଲିରେ ବ୍ଲକସ୍ତରୀୟ ଇକୋ-ଏକ୍‌ଜିବିସନ




ଟିକାବାଲି,୧୫।୧୨(ସମିସ): ପରିବେଶ ସୁରକ୍ଷା ଓ ସଚେତନତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆଜି ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳରେ ବ୍ଲକସ୍ତରୀୟ ଇକୋ-ଏଗଜିବିସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କାମରାଜ କହଁରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରି ଦିଗାଲ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବା ବେଳେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରତ୍ୟେକ ଷ୍ଟଲ୍ ବୁଲି ଦେଖିବା ସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।ପ୍ରଧାନ ଶିକ୍ଷକ କାମରାଜ କହଁର ସମସ୍ତ ଅତିଥି, ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରଥିଲେ।

## ଶୀତ ମହୋତ୍ସବ ପାଇଁ ପ୍ରସ୍ତୁତି

ଜି.ଉଦୟଗିରି,୧୫ ।୧୨(ସମିସ) : ଆସନ୍ତା ମାସରେ ହେବ ଜି.ଉଦୟଗିରି ଶୀତ ମହୋତ୍ସବ। ଏଥି ପାଇଁ ପ୍ରସ୍ତୁତି ଜୋରଦାର ହୋଇଥିବା ବେଳେ ଆଜି ପୁଣି ଥରେ ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମହୋତ୍ସବ କମିଟି ପକ୍ଷରୁ ବ୍ଲକ୍ ଅଧ୍ୟକ୍ଷା ସୁଷମା ପ୍ରଧାନ, ପରିଷଦ ଅଧ୍ୟକ୍ଷା ଦେବଶ୍ରୀତା ଶତପଥୀ, ଜ୍ଞାନଚନ୍ଦ୍ର ପ୍ରଧାନ, ମହମ୍ମଦ ଜିଆଉଦ୍ଦିନ, ଜାଲିନା ପ୍ରିୟଦର୍ଶନୀ, ମାନଗୋବିନ୍ଦ ପ୍ରଧାନ, ଦିଲ୍ଲୀପ କୁମାର ବଳ, ଆଶୁତୋଷ ସାହୁ, ଗଗନ ପ୍ରଧାନ, ମାୟାବତୀ ପ୍ରଧାନ, ଦେବନାଥ ଦଳବେହେରା, ପ୍ରଦୀପ କୁମାର ଦାସ, କିଶୋର ଚନ୍ଦ୍ର ନାୟକ, ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ। ଶୀତଳତମ ସହର ଭାବେ ପରିଚିତ ହେବା ପରେ ଦିନକୁ ଦିନ ଜି ଉଦୟଗିରି ଏବଂ ଆଖ ପାଖ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକ ଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ସରକାର ଏହି ପର୍ଯ୍ୟଟନ କ୍ଷେତ୍ର ପ୍ରତି ଉଦାସୀନ ରହୁଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## 'ରେଡିଓ ସ୍ୱାତୀ'ର ଦ୍ୱିତୀୟ ସ୍ୱନକ୍ଷତ୍ର



ଫିରିଙ୍ଗିଆ,୧୫।୧୨(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ବନ୍ଧଗଡ ଠାରେ ପ୍ରତିଷ୍ଠିତ ହୋଇଥିବା ରେଡିଓ ସ୍ୱାତୀର ଦ୍ୱିତୀୟ ବାର୍ଷିକ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଗଦାଧର ପାତ୍ର ଯୋଗ ଦେଇ ଲୁଚି ଯାଇଥିବା ପରମ୍ପରାକୁ ରେଡିଓ କାର୍ଯ୍ୟକ୍ରମରେ ଯୋଡି ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇ ପାରିଲେ ଏହାର ସାର୍ଥକତା ରହିବ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ପାଦକ ହରିଶଙ୍କର ରାଉତ ପରିଚାଳନା କରିବା ସହିତ ଆଗାମୀ ଦିନରେ ଧରିତି ଆବା ରେଡିଓ ଷ୍ଟେସନ ଉଦୟଗିରିରେ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଥିଲେ । କଣ୍ଠଶିଳ୍ପୀଅସିତ ନନ୍ଦ ଓ ଲେଖକ ରଞ୍ଜିତ ମୁଖି ଯୋଗ ଦେଇଥିଲେ। ଫିରିଙ୍ଗିଆ କଳାକାର ସଂଘର ସଭାପତି ଅକ୍ଷୟ କର୍ଣ୍ଣ ଓ ଫିରିଙ୍ଗିଆ ପ୍ରେସ କ୍ଲବ ସଭାପତି ଉତମ ଖମାର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ପ୍ରଦୀପ ସ୍ୱାଇଁ, ବିଶ୍ୱରଞ୍ଜନ କର, ଆଲୋକ ସାମନ୍ତରାଏ, ନିରୁପମା କହଁର ଓ ଉମାକାନ୍ତ ସାହୁ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି





ବେଲଗୁଣ୍ଠା,୧୫ ।୧୨(ସମିସ): ବେଲଗୁଣ୍ଠା ବ୍ଲକ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଅଭିଯୋଗ ଶୁଣାଣି ହୋଇଯାଇଛି। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଭଞ୍ଜନଗର ଆରକ୍ଷୀ ଉପ ଅଧିକ୍ଷକ ରଞ୍ଜନ କୁମାର ଦେ, ବେଲଗୁଣ୍ଠା ବିଡ଼ିଓ ତଥା ତହସିଲଦାର କଳାକୃଷ୍ଣ ପ୍ରଧାନ ଓ ବ୍ଲକ ଅଧ୍ୟକ୍ଷା ମମତା ଭୋଳ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା ପ୍ରାୟ ୯୭ଜଣ ନିଜ ନିଜର ଅଭିଯୋଗ ଦାଖଲ କରିଥିଲେ। ଏହି ଅବସରରେ ୭ ଜଣଙ୍କୁ ମେଡିକାଲ ଖର୍ଚ୍ଚ ବାବଦକୁ ୪୨ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଭାଗର ଅଧିକାରୀ ମାନେ ଏହି ଶିବିରରେ ଯୋଗ ଦେଇ ଅଭିଯୋଗ ଶୁଣିବା ସହ ଏହାର ସମାଧାନ ଉପରେ ଆଲୋଚନା କରିଥିଲେ।

ପୋଲସରା ବ୍ଲକ ଅନ୍ତର୍ଗତ ଜକର ପଞ୍ଚାୟତରେ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶଶୀ ଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଜକର ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମର ଜନସାଧାରଣ ସେମାନଙ୍କର ନାମ ପଞ୍ଜୀକରଣ କରିଥିଲେ। ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଳିକ ଯୋଗଦେଇ ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣିଥିଲେ। ପଞ୍ଚାୟତର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାରେ ସାମିଲ କରାଯିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଶତାଧିକ ଅଭିଯୋଗ ପଞ୍ଜୀକରଣ ହୋଇଥିଲା ସେଥି ମଧ୍ୟରୁ ୨୫ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ସମାଜସେବୀ ପ୍ରଭାକର ପଣ୍ଡା, ଏବିଡିଓ ସୋନମ୍ ବେହେରା, ବ୍ଲକ ପଶୁ ଚିକିତ୍ସା ଅଧିକାରୀ ଭକ୍ତଚରଣ ଦଳାଇ, ସିଡିପିଓ ତିଳୋତ୍ତମା ରାଉତ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ସରପଞ୍ଚ ଦୀପିକା ବାରିକ, ଖାଦ୍ୟଯୋଗାଣ ଅଧିକାରୀ ସନ୍ଦୀପ କୁମାର ବେହେରା, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଜୋଛନା ରାଣୀ ଦେହୁରୀ, ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ସ୍ୱରୁପ ତ୍ରିପାଠୀ, ବ୍ଲକ ଯନ୍ତ୍ରୀ ରାମକୃଷ୍ଣ ସବର, ଗ୍ରାମ୍ୟ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜିବ ପାତ୍ର, କ୍ଷୁଦ୍ର ଜଳ ସେଚନ ବିଭାଗ ସହକାରୀ ଯନ୍ତ୍ରୀ ସନୁଜ୍ କୁମାର, ଯନ୍ତ୍ରୀ ଶ୍ରୀକାନ୍ତ ଜେନା ସମେତ ବିଭିନ୍ନ ବିଭାଗର କର୍ମଚାରୀ ଯୋଗଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଲୋକ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଜନଶୁଣାଣି ଅଧିକାରୀ ଲିପ୍ସା ରାଣୀ ଭଞ୍ଜ, ଏଡିଓ ସନ୍ତୋଷିନୀ ସାହୁଙ୍କ ସମେତ ଅଙ୍ଗନବାଡ଼ି କର୍ମୀ ସହଯୋଗ କରିଥିଲେ।

ଆସିକା: ଆସିକା ବ୍ଲକର ପାଣ୍ଡିଆପଥର ପଞ୍ଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନୀଳାଞ୍ଚଳ ଗୌଡ଼ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଏର ଅଧିକାରୀ ରମେଶ ଚନ୍ଦ୍ର ହଂସଦା, ଏବିଡିଓ ସୁଶାନ୍ତ କୁମାର ବେହେରା, ଏଟିଓ ଅମରେଶ ସାବତଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ମଧୁବାବୁ ପେନସନ ଉପରେ ୧୫,ରାଜସ୍ୱ ବିଷୟରେ ୧୦, ପ୍ରଧାନମନ୍ତ୍ରୀ ଆବାସ ୦୩ ଜଣ, ସାଧାରଣ ବଣ୍ଟନ ବ୍ୟବସ୍ଥା ନେଇ ୧୧ ଜଣ, ମନରେଗାରେ ୦୨ ଜଣକୁ ମିଶି ମୋଟ ୪୧ ଜଣ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ।

ଛତ୍ରପୁର: ଛତ୍ରପୁର ବ୍ଲକଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ସିଡିପିଓ, ଜଳ ସେଚନ, ଉଠା ଜଳ ସେଚନ, ଶିକ୍ଷା, ବନ ବିଭାଗ ସହିତ ଅନ୍ୟ କିଛି ଅଧିକାରୀ ମାନେ ଅନୁପସ୍ଥିତ ରହିଥିଲେ। ଫଳରେ ଲୋକଙ୍କ ଅଭିଯୋଗ ଗୁଡିକର ସମାଧାନ ହୋଇପାରୁନଥିବା ଦେଖିବାକୁ ମିଳିଛି। ଜିଲ୍ଲାପାଳଙ୍କ ଏହି ଅଭିନବ ପ୍ରୟାସକୁ ସମସ୍ତ ଅଧିକାରୀ ମାନେ ବେଖାତିର କରୁଥିବାରୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏହାସହିତ କିଛି ଅଧିକାରୀ ଦିନ ୧ ଟାରେ ଆସିଥିବା ଦେଖିବାକୁ ମିଳିଛି ଏବଂ କିଛି ବିଭାଗର ବ୍ଲକସ୍ତରୀୟ ଅଧିକାରୀ ମାନେ ଏହାକୁ ଗୁରୁତ୍ୱ ନ ଦେଇ ତଳିଆ କର୍ମଚାରୀ ମାନଙ୍କୁ ପଠାଇ ଦେଇ ଧର୍ମକୁ ଆଖି ଠାର ଭଳି କାମ କରୁଛନ୍ତି ବୋଲି ମତ୍ସ୍ୟଜୀବୀ ନେତା ଏନ. ଦୀନବନ୍ଧୁ ଏବଂ ପଞ୍ଚାୟତର ବହୁ ଭଦ୍ରବ୍ୟକ୍ତି ଅଭିଯୋଗ କରିଛନ୍ତି। ଅନ୍ୟପଟେ ଯେଉଁ ବିଭାଗର ଅଧିକାରୀ ମାନେ ଉପସ୍ଥିତ ନାହାନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସୁପାରିଶ କରାଯିବ ବୋଲି କହିଛନ୍ତି ଛତ୍ରପୁର ବିଡିଓ। ଏହି ଅବସରରେ ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମ ଜିତ ସାହୁ, ତହସିଲଦାର ଦିବ୍ୟା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ୯୦ରୁ ଅଧିକ ଅଭିଯୋଗର ଶୁଣାଣି କରିଥିଲେ।

## ପ୍ରହସନ ପାଲଟିଛି ଅଭିଯୋଗ ଶୁଣାଣି ଶିବିର



ଦିଗପହଣ୍ଡି,୧୫।୧୨(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ସୋମବାରରେ ଆୟୋଜିତ ହୋଇଆସୁଥିବା ପଞ୍ଚାୟତ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ପ୍ରହସନ ପାଲଟିଥିବା ଜଣାପଡିଛି। ପଞ୍ଚାୟତରେ ବ୍ଲକ ପ୍ରଶାସନ ଏବଂ ନିର୍ବାଚନ ପ୍ରତିନିଧି ମାନେ କାର୍ଯ୍ୟକ୍ରମକୁ ଅବମାନନା ନ କରି ନିଜର ଦାୟିତ୍ୱ ନିର୍ବାହ କରିଆସୁଥିବା ବେଳେ ଶୁଣାଣୀରେ ଅଭିଯୋଗ କାରୀଙ୍କ ସଂଖ୍ୟା କମ୍ ଦେଖିବାକୁ ମିଳୁଛି। ଏନେଇ ସୋମବାର ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବି . ତୁରୁବୁଡି ପଞ୍ଚାୟତରେ ବିଡିଓ ଅନାମିକା ପାଣ୍ଡେଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଅଭିଯୋଗ ଶୁଣାଣୀରେ ମାତ୍ର ୧୪ ଜଣ ଅଭିଯୋଗ ପତ୍ର ଦାଖଲ କରିଥିବା ଜଣାପଡିଛି। ଏହି ଜନ ଶୁଣାଣି ସମୟରେ ବ୍ରହ୍ମପୁର ଡେପୁଟି କମିଶନର ତଥା କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ କଲ୍ୟାଣୀ ସଂଘମିତ୍ରା ଦେବୀ, ତହସିଲଦାର ସନ୍ତୋଷ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ଲିଙ୍ଗରାଜ ଦୋରା, ସମିତି ସଭ୍ୟ ଗଣେଶ ମଳିକ, ନାଏବ ସରପଞ୍ଚ ପ୍ରମିଳା ବେହେରା, ଗ୍ରାମ ପଞ୍ଚାୟତ ଅଧିକାରିଣୀ ରୋଜାଲିନ୍ ଦଳାଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରଶ୍ମୀ ପ୍ରକାଶିନୀ ଜାନୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଞ୍ଜୁଲତା ବେହେରା, ରାଜସ୍ୱ ନୀରିକ୍ଷକ ଯଜ୍ଞ ବେହେରା, ଏଡିଓ ରାଜାରାମ ଦାସ, ପ୍ରାଣୀ ଚିକିତ୍ସକ ମଧୁସ୍ମିତା ପଣ୍ଡା, ଉଦ୍ୟାନ ସଂପ୍ରସାରଣ କର୍ମଚାରୀ ପ୍ରଦୀପ କୁମାର ସେଠୀ, ସହଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ, ଡ୍ରେନେଜ୍ ବିଭାଗ ସହକାରୀ ଯନ୍ତ୍ରୀ ଇଂ ଭଗବାନ ରଥ, ମୃତ୍ତିକା ସଂରକ୍ଷଣ ପରାମର୍ଶଦାତା ଜଗଦୀଶ ମହାନ୍ତି ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

